**ଆଳି ବିଧାନସଭା ନିର୍ବାଚନମଣ୍ଡଳୀ**

# ବିଜେଡିରେ ମିଶିଲେ ଅଟାଳ ପଞ୍ଚାୟତର ୩୦ ପରିବାର



**ଆଳି,୧୧।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଳି ରାଜବାଟି ପରିସରରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଆଳି ବ୍ଲକ ଅଟାଳ ପଞ୍ଚାୟତର ୩୦ ପରିବାର କଂଗ୍ରେସ ଓ ବିଜେପି ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଆଳି ବିଧାନସଭା ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ବିଜେଡିରେ ସାମିଲ କରିଥିଲେ।

ଏ ଅବସରରେ ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ଆଳିର ସର୍ବମାନ୍ୟ ନେତା ପ୍ରତାପ ଦେବଙ୍କ ନିଷ୍ପକ୍ଷଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ସେମାନେ ପଞ୍ଚାୟତର ବିକାଶ ପାଇଁ ବିଜେଡିରେ ସାମିଲ ହେଲେ ବୋଲି ସେମାନଙ୍କ ପ୍ରତିକ୍ରିୟାରେ କହିଥିଲେ। ଏହାର ଉତ୍ତରରେ ଶ୍ରୀ ଦେବ କହିଥିଲେ, ଅଟାଳ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ସହ କୃଷି, ଶିକ୍ଷା, ପାନୀୟ ଜଳ ଓ ଗମନାଗମନ କ୍ଷେତ୍ରରେ ବହୁବିଧ ପଦକ୍ଷେପ ନିଆଯାଇଛି। ସମସ୍ତେ ସେଥିରେ ସାମିଲ ହେଲେ ବିକାଶ ଆହୁରି ତ୍ୱରାନ୍ୱିତ ହେବ। ଏବେ ନିର୍ବାଚନ ପ୍ରକ୍ରିୟା ଚାଲିଥିବାରୁ ସମସ୍ତେ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ମିଶ୍ରଣ ପର୍ବରେ ବରିଷ୍ଠ କର୍ମୀ ଶୁକଦେବ ସୂତାର, ନିରୋଡ ବେହେରା, ସୁବାସ ବେହେରା, ଗୋବର୍ଦ୍ଧନ ବେହେରା, ଲୋକନାଥ ବେହେରା, ଦିଲ୍ଲୀପ ବେହେରା, ପଙ୍କଜ ବେହେରା, ଅଶୋକ ବେହେରା, ସତ୍ୟବ୍ରତ ବେହେରା, ଅରବିନ୍ଦ ବେହେରା, ଶ୍ରୀଧର ଦାସ, ଅଭିରାମ ଦାସ, ଉଦୟକର ବେହେରା, ରବୀନ୍ଦ୍ର ବେହେରା, ପ୍ରମୋଦ ବେହେରା, ବସନ୍ତ ବେହେରା, ଘନଶ୍ୟାମ ବେହେରା, ଅକ୍ଷୟ ବେହେରା, ଲକ୍ଷ୍ମଣ ବେହେରା, ଦାମୋଦର ଦାସ, ରବୀନ୍ଦ୍ର ଦାସ ଓ ଅନନ୍ତ ଦାସ ପ୍ରମୁଖ ୩୦ ପରିବାର ସାମିଲ ହୋଇଥିଲେ। ଏଥିରେ ବିଜେଡି ବରିଷ୍ଠ ନେତା ଜଗତାନନ୍ଦ ବଳ, କ୍ଷୀରୋଦ ଚନ୍ଦ୍ର ଦାସ, ବିଜେଡି ବ୍ଲକ ସଭାପତି ସନାତନ ମିଶ୍ର, ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସରପଞ୍ଚଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ବଳ, ସମିତି ସଭ୍ୟଙ୍କ ପ୍ରତିନିଧି ବ୍ରଜେନ୍ଦ୍ର ଦାସ, ବିଜେଡି ନେତା ସାଧୁ ଚରଣ ଜେନା ଓ ପୀତାମ୍ବର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପତ୍ରପୁର ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଆଳି,୧୧।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନମଣ୍ଡଳୀରେ ରାଜନୈତିକ କାର୍ଯ୍ୟକ୍ରମ ଜାରି ରହିଛି। ବିଭିନ୍ନ ଦଳର ପ୍ରାର୍ଥୀ ପ୍ରଚାର ଚଳାଇଥିବାବେଳେ ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ମଧ୍ୟ ତାଙ୍କର ପ୍ରଚାର ଅଭିଯାନ ଜାରି ରଖିଛନ୍ତି। ସେହି କ୍ରମରେ ଆଜି ପୂର୍ବାହ୍ନରେ ଆଳି ବ୍ଲକ ପତ୍ରପୁର ପଞ୍ଚାୟତରେ ଆୟୋଜିତ ହୋଇଯାଇଛି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ। ପ୍ରାର୍ଥୀ ପ୍ରତାପ ଦେବଙ୍କ ସହ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି ଓ ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ପତ୍ରପୁରରେ ପହଞ୍ଚି ଉକ୍ତ ପଞ୍ଚାୟତର ରାଇସରପୁର, ବିଲିକଣା, ଅଳସରପୁର, ବନ୍ଧସାହି ଗ୍ରାମ ପରିକ୍ରମା କରି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ କେନ୍ଦ୍ରାପଡା ଲୋକସଭା ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିବା ସହ ଦଳୀୟ କର୍ମୀ ଘରେ ଶଙ୍ଖ ଚିହ୍ନ ଷ୍ଟିକର ଲଗାଇଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ ସଭାପତି ସୁବ୍ରତ ବେହୁରା, ଜିଲ୍ଲା ପରିଷଦ ପ୍ରତିନିଧି ସୁମନ୍ତ ରାଉତ, ବିଜେଡିର ବରିଷ୍ଠ ନେତା ବିଜୟ ବିହାରୀ ପରିଡ଼ା, ବିକାଶ ନାୟକ, ବସନ୍ତ ପ୍ରଧାନ, ଦୀପକ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଅର୍ଗଳ ପଞ୍ଚାୟତରେ ମଧ୍ୟ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ କନକଲତା ବେହେରା, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ଯୋଗ ଦେଇ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିବା ସହ ଘରେ ଘରେ ଶଙ୍ଖ ଷ୍ଟିକର ଲଗାଇଥିଲେ। ଏଥିରେ ସମବାୟ ସଭାପତି ଆନନ୍ଦ ସ୍ୱାଇଁ ବିଜେଡି ନେତା ଯଶୋବନ୍ତ ନାୟକ, ଜ୍ୟୋତ୍ସ୍ନା ଦାସ ପ୍ରମୁଖ ସହଯୋଗ କରିଥିଲେ।

**● ମା' ରାମଚଣ୍ଡିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ**

## ବିଧାୟକ ଗାଇଲେ ଭଜନ

**କୁଜଙ୍ଗ ୧୧।୫ (ସମିସ) :** ଜଗନ୍ନାଥପୁର ଗ୍ରାମର ରାମଚଣ୍ଡୀଦେବୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ମହାଯଜ୍ଞ ବୈଦିକ ରିତିରେ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେବା ସହ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ପାଇଁ ଏକ ଭଜନ ଗାଇ ସମାବେଶକୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ମହାନଦୀରୁ ୧୬୦ ମହିଳା ଓ ପୁରୁଷମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ କୁଜଙ୍ଗ ବଜାର ପରିକ୍ରମାକରି ଜଳ ଶୋଭାଯାତ୍ରା କରିଥିଲେ। ମା ରାମଚଣ୍ଡୀଙ୍କ ମନ୍ଦିର ପରିସରରେ ଆଧାମିକ ଯଜ୍ଞାହୁତି ଆରମ୍ଭ ହୋଇଛି। ଶୁଭାଧିବାସ, ଅଙ୍କୁରାରୋପଣ ଓ ଯଜ୍ଞାହୁତି କର୍ମାଣୀ ଅନୁଷ୍ଠିତ ହେଉଛି। ତିନିଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ସନ୍ଧ୍ୟାରେ ଭଜନ ସମାରୋହ, ଭାଗବତ କଥା ଅନୁଷ୍ଠିତ ହେଉଛି। ରବୀନ୍ଦ୍ର କୁମାର ନାଥ ଓ କାମିନୀ ଦେବୀ ମହାଯଜ୍ଞରେ କର୍ତ୍ତା କର୍ତ୍ତୀଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପକନ ନାଥ ଓ ଜଗନାଥପୁର ଗ୍ରାମବାସୀମାନେ ଉତ୍ସବର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ବାନାମ୍ବର ତ୍ରୀପାଠୀ ଓ ସହଯୋଗିମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଆଜି ମଧ୍ୟରେ ଏହି ତ୍ରିଦିବସୀୟ ଯଜ୍ଞ ଉଦ୍‌ଯାପିତ ହେବା ସହ ଭବ୍ୟ ମନ୍ଦିରର ଆକର୍ଷଣକୁ ଗ୍ରାମବାସୀ ଉଚ୍ଚ ପ୍ରଶଂସା କରିଥିଲେ।

## ବିଜିପୁର ଶନି ମନ୍ଦିରର ବାର୍ଷିକ ଉତ୍ସବ ଓ ମହାଯଜ୍ଞ



**ଏରସମା, ୧୧।୫(ସମିସ):** ଏରସମା ବ୍ଲକ୍ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବିଜିପୁର ଗ୍ରାମରେ ଶନିଦେବଙ୍କ ଦଶମ ବାର୍ଷିକ ଉତ୍ସବ ଓ ମହାଯଜ୍ଞ ଅନୁଷ୍ଠିତ ହେଉଛି। ବିଭିନ୍ନ ଦିବସରେ କଳସାଧିବାସ, ସୂର୍ଯ୍ୟପୂଜା, ଗୋପୂଜା, ଶିଖରୀ ସ୍ନାନ, ଷୋଡ଼ଷ ଉପଚାର ପୂଜା କରାଯାଇଛି। ଏହି ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତାକାଲି ରବିବାର ପୂର୍ଣ୍ଣାହୁତି ହେବ। ସନ୍ତୋଷ କୁମାର ଦାସ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ପଣ୍ଡିତ ନିତ୍ୟାନନ୍ଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ବିଭିନ୍ନ ସନ୍ଧ୍ୟାରେ ଭକ୍ତି ମୂର୍ଚ୍ଛନା, ଭଜନ ସନ୍ଧ୍ୟା ଭଜନ ପରିବେଷଣ କରାଯାଇଥିଲା। ଶନିଦେବଙ୍କ ଶ୍ରଦ୍ଧାଳୁମାନେ ଶନି ମନ୍ଦିର ଆଗରେ ଦୀପ ଜାଳିଥିଲେ। ଏରସମା ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ, ବାମଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରାୟ ଯୋଗ ଦେଇଥିଲେ। ବିଜିପୁର ଶନି ମନ୍ଦିର ଟ୍ରଷ୍ଟର ସମସ୍ତ ସଭ୍ୟ ଉତ୍ସବ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ବିଜେପି ସଭାରେ ସ୍କୁଲ ପାଚିକା

**ରାଜନଗର, ୧୧।୫(ସମିସ):** ସରକାରୀ କର୍ମଚାରୀ କିମ୍ବା ସରକାରୀ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ନିର୍ବାଚନୀ ସଭା ଓ ଦଳୀୟ ପ୍ରଚାରରେ ଭାଗ ନେଇପାରିବେ ନାହିଁ। ମାତ୍ର ରାଜନଗର ନିର୍ବାଚନମଣ୍ଡଳୀରେ ସରକାରୀ କାର୍ଯ୍ୟରେ ନିୟୋଜିତ ମହିଳା ବିଜେପି ନିର୍ବାଚନୀ ସଭାରେ ଯୋଗଦେଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଚଳିତମାସ ୭ ତାରିଖ ଦିନ ବିଜେପି ପକ୍ଷରୁ ରାଜନଗର ବ୍ଲକର ମହିଁଷାସୁର ପଡ଼ିଆରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଲୋକସଭାର ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଶୋଭାଯାତ୍ରାରେ ଆସି କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡସ୍ଥ ରାଜଗଡ ୟୁଜିୟୁପି ବିଦ୍ୟାଳୟର ପାଚିକା ସସ୍ମିତା ରାଉତ ଯୋଗ ଦେଇଥିଲେ। ସସ୍ମିତା ବିଜେପି ରାଲିରେ ଆସିବା ସହ ବୈଠକରେ ଯୋଗଦେଇଥିଲେ। ସସ୍ମିତା ବୈଠକରେ ଯୋଗଦେଇଥିବା ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ରାଜଗଡ଼ ୟୁଜିୟୁପି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାଦଲ କୁମାର ଦାସ ଏ ନେଇ ବ୍ଲକ ଶିକ୍ଷାଧିକାରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ନିର୍ବାଚନ କମିସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଅକ୍ଷୟ ତୃତୀୟାରେ ସମ୍ମିଳିତ କଳା ମଞ୍ଚ 'ସ୍ପନ୍ଦନ' ଗଠିତ



**କେନ୍ଦ୍ରାପଡ଼ା,୧୧।୫(ସମିସ):** ପବିତ୍ର ଅକ୍ଷୟ ତୃତୀୟାରେ ଇନ୍ଦ୍ରଧନୁର ସ୍ୱପ୍ନବୀଜ ବୁଣି କେନ୍ଦ୍ରାପଡାରେ ଜନ୍ମ ନେଲା କଳା, ସାହିତ୍ୟ ଓ ସୃଜନ ଅଭିବ୍ୟକ୍ତିର ମୁକ୍ତ ତଥା ପ୍ରତିବଦ୍ଧ ଅନୁଷ୍ଠାନ- ସ୍ପନ୍ଦନ। କବି, କଥାକାର, ନାଟ୍ୟକାର, ଚିତ୍ରଶିଳ୍ପୀ, ସଂଗୀତଶିଳ୍ପୀ, ନୃତ୍ୟଶିଳ୍ପୀଙ୍କ ସମାବେଶରେ ଇନ୍ଦ୍ରଧନୁର ଛଟା ପରି ମିଳିତ ସୃଜନର ଏକ ମାୟାମୟ ମୂର୍ଚ୍ଛନାମୁଖର କରିଥିଲା ଅକ୍ଷୟ ତୃତୀୟାର ଏହି ସ୍ମରଣୀୟ ସନ୍ଧ୍ୟାକୁ । ବିଶିଷ୍ଟ କଥାକାର ଡକ୍ଟର ବିରଜା ରାଉତରାୟ ସଞ୍ଚାଳନରେ ଅନୁଷ୍ଠିତ ଏହି ମନୋଜ୍ଞ ଆସରକୁ ପିଏନଏସର ଅଧ୍ୟକ୍ଷ ବିଶିଷ୍ଟ ଗାଳ୍ପିକ ତଥା କଳାକାର ଜ୍ଞାନ ରଞ୍ଜନ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଆୟବା ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ବିନାୟକ ପ୍ରସାଦ ପ୍ରଧାନ ଯୋଗ ଦେଇ ବିବିଧ କଳାର ଏହି ମଞ୍ଚ କେନ୍ଦ୍ରାପଡ଼ା ଜିଲ୍ଲାର କଳା, ସାହିତ୍ୟ ଓ ସୃଜନଶୀଳ ପ୍ରତିଭାମାନଙ୍କୁ ସେମାନଙ୍କର ପ୍ରତିଭାର ପରିପ୍ରକାଶ ପାଇଁ ଏକ ପ୍ରକୃଷ୍ଟ ମାଧ୍ୟମ ଯୋଗାଇ ଦେବ ବୋଲି ମତ ପ୍ରକାଶ କରିଥିଲେ। ଇନ୍ଦ୍ରଧନୁର ଛଟା ପରି ସବୁ ସୃଜନଶୀଳ ପ୍ରତିଭାମାନଙ୍କୁ ଗୋଟିଏ ଛତା ତଳେ ଏକାଠି କରି ଏକ ନିଆରା ପରମ୍ପରା ସୃଷ୍ଟି କରାଯାଇ ପାରିବ ବୋଲି ଉପସ୍ଥିତ ବକ୍ତାମାନେ ମତ ରଖିଥିଲେ । ଏହି ନୂତନ ଅନୁଷ୍ଠାନର ନାମ ସ୍ପନ୍ଦନ ରଖାଯିବାକୁ ସ୍ଥିର ହୋଇଥିଲା । ପ୍ରଥମେ ସର୍ବ ସମ୍ମତି କ୍ରମେ ସ୍ପନ୍ଦନ ପରିବାରର କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ମୁଖ୍ୟ ଉପଦେଷ୍ଟା ଭାବେ ଡକ୍ଟର ବିରଜା ରାଉତରାୟ, ସଭାପତି ଭାବେ ଜ୍ଞାନରଞ୍ଜନ ନାୟକ, ସମ୍ପାଦକ ଭାବେ ଅଧ୍ୟାପକ ଡ଼ ବିନାୟକ ପ୍ରସାଦ ପ୍ରଧାନ, କୋଷାଧ୍ୟକ୍ଷ ଭାବେ କୈଳାସ ଚନ୍ଦ୍ର ମହାନ୍ତି, ସଂଯୋଜକ ଭାବେ ସ୍ୱପ୍ନାଂଶୁ କୁମାର ଦାସ, ସହ ସଂଯୋଜିକା ଭାବେ ଲିଜା ପଣ୍ଡା, ସାମାଜିକ ଗଣ ମାଧ୍ୟମ ସଂଯୋଜିକା ଭାବେ ରେସମା ଓ ସ୍ଥିତିପ୍ରଜ୍ଞା ପରିଡା ମନୋନୀତ ହୋଇ ଥିଲେ । ଆଗାମୀ କାର୍ଯ୍ୟକ୍ରମ ମଧ୍ୟରେ ନାଟକ ମହୋତ୍ସବ, ଯୁବ ତରଙ୍ଗ ଆଦି କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରତି ମାସ ଶେଷ ଗୁରୁବାର ମାସିକ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ପରେ କବି ମଞ୍ଜୁଲତା ରଥ କବିତା- କଙ୍କାଳ ବୈଶାଖୀ, ଲିଜା ପଣ୍ଡା ଗଳ୍ପ- ଅକୁହା ମନର କଥା, ଗୋଲାପ ରାଉତ କବିତା-ମୁଁ ଅଛି, ବିଷ୍ଣୁ ପ୍ରିୟା ସାମଲ କବିତା-ବର୍ଷା, ବିରଜା ରାଉତରାୟ କବିତା - ଓଃ! କେନ୍ଦ୍ରାପଡା, ରଞ୍ଜନ କୁମାର ବାଇ କବିତା-ବାଲି ଶଯ୍ୟା, ତାପସ ରାଉତ କବିତା-ରୁଦ୍ର ପଳାଶ ପ୍ରଭୃତି ପାଠ କରିଥିଲେ। କଣ୍ଠଶିଳ୍ପୀ ସ୍ଥିତିପ୍ରଜ୍ଞା ପରିଡା -ମୋହନ ବଂଶୀ, ଗୌତମ୍ ସାହୁ -ଜୀବରେ କିଏ ସୁନ୍ଦର୍ ଜଗନ୍ନାଥ ଭଜନ ଗାନ କରିଥିଲେ । କଥାକାର ବଂଶୀଧର ମହାନ୍ତି, ଶେଷଦେବ ଦାସ, ଚିତ୍ରଶିଳ୍ପୀ ସିନୁ ଦାଶ, ନାଟ୍ୟକାର ପ୍ରଫୁଲ୍ଲ କୁମାର ଜେନା, ବିକ୍ରମ କେଶରୀ ସାମଲ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ଯୁବ ସଂଗଠନ ପକ୍ଷରୁ ଦହିପାଣି ବଣ୍ଟନ




**କେନ୍ଦ୍ରାପଡ଼ା,୧୧।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ମା'ବଜ୍ରସୁନା ମନ୍ଦିର ପରିସରରେ ଥିବା ଶନିଶ୍ଚରଙ୍କ ମନ୍ଦିରରେ ଆଜି ଜଳାଭିଷେକ କରିବାକୁ ଆସିଥିବା ସମସ୍ତ ଭକ୍ତଙ୍କ ପାଇଁ ଗିଭ ଏ ନ୍ୟୁ ଲାଇଫ୍ ଓଡିଶା ଆଦର୍ଶ ଯୁବ ସଂଗଠନ ପକ୍ଷରୁ ଦହିପାଣି ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହେମନ୍ତ କୁମାର ପରିଡା ଉଦଘାଟନ କରିଥିବାବେଳେ ଉମାକାନ୍ତ କର, ଗଗନବିହାରୀ ମହାନ୍ତି, କାଳନ୍ଦୀ ରାଉତ, ଦୀପ୍ତିରଞ୍ଜନ ଦାସ ଓ ଦେବେଶ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଶନିଶ୍ଚର ଦେବଙ୍କୁ ଜଳାଭିଷେକ ଓ ମହାଯଜ୍ଞ









**କେନ୍ଦ୍ରାପଡ଼ା,୧୧।୫(ସମିସ):** ବର୍ତ୍ତମାନ ସମାଜରେ ବହୁ ବିଶୃଙ୍ଖଳା ସୃଷ୍ଟି ହେଉଛି। ଦେଶ ଦେଶ ମଧ୍ୟରେ ଯୁଦ୍ଧ ଚାଲିଛି। ତେଣୁ ବିଶ୍ୱଶାନ୍ତି ପାଇଁ କେନ୍ଦ୍ରାପଡ଼ା ସହରର ଗଣାମାହାଲସ୍ଥ ଶ୍ରୀସିଦ୍ଧ ମହାପୁରୁଷ ବାଲାବାବା ମନ୍ଦିର ପରିସରରେ ୧୨ତମ ବିଶ୍ୱଶାନ୍ତି ଶନିଶ୍ଚର ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଶୁଭାଧିବାସ କରାଯାଇ ଆଜ୍ଞାମାଳ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଥିଲା। ଶନିବାର ଦିନ ପ୍ରାତଃ ୬ଟା ୩୦ମିନିଟ୍‌ରେ ଘଟ ନିମଜ୍ଜନ କରାଯିବା ପରେ ଭକ୍ତମାନେ ଏକ ଶୋଭାଯାତ୍ରାରେ ନୂଆ ବସ୍‌ଷ୍ଟାଣ୍ଡ ଶନିଘାଟରୁ ପାଣି ଆଣି ଘଟସ୍ଥାପନ କରିଥିଲେ। ପ୍ରାତ ୮ଟା ୩୦ମିନିଟ୍‌ରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞାରମ୍ଭ କରାଯିବା ସହିତ ରାତ୍ର ୧୦ଟା ୩୦ ମିନିଟ୍‌ରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା।

ସେହିପରି ମହିପାଳସ୍ଥ ବାୟା ବଜାରର ନ୍ୟାୟ ଦେବତା ପୂଜା କମିଟି, ତିନିମୁହାଣୀ ଶନି ମନ୍ଦିର, ନୂଆ ବସ୍‌ଷ୍ଟାଣ୍ଡ ଶନି ମନ୍ଦିର, କୋର୍ଟ ଛକ ଶନିମନ୍ଦିର, ଗରାପୁର କାଳୀ ମନ୍ଦିରସ୍ଥ ଶନି ମନ୍ଦିରରେ କେନ୍ଦ୍ରାପଡ଼ା ସହର ଓ ଆଖପାଖ ଅଞ୍ଚଳରୁ ବହୁ ମାନସିକଧାରୀ ଓ ଶ୍ରଦ୍ଧାଳୁ ଆସି ଶନିଙ୍କ ନିକଟରେ ଜଳାଭିଷେକ କରିବା ପରେ ଯଜ୍ଞରେ ସାମିଲ ହୋଇଥିଲେ। ଏ ଉପଲକ୍ଷେ ରାଜନୈତିକ ଦଳର ବହୁ ନେତା ଆସି ଶନି ଦେବତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ବନ୍ଧଡ଼ିହରେ ବିଶ୍ୱରଞ୍ଜନଙ୍କ ଜୋର୍‌ଦାର ପ୍ରଚାର



**ବ୍ରହ୍ମବରଦା, ୧୧।୫ (ସମିସ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡ଼ିହ ପଞ୍ଚାୟତରେ ବିଜେଡି ବିଧାନସଭା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଜୋର୍‌ଦାର ପ୍ରଚାର କରିଛନ୍ତି। ତାଙ୍କୁ ବନ୍ଧଡ଼ିହ ପଞ୍ଚାୟତ ବିଜୁ ଜନତା ଦଳ କର୍ମୀ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ବନ୍ଧଡ଼ିହ ପଞ୍ଚାୟତ ଖେଳ ପଡ଼ିଆରେ ପଞ୍ଚାୟତ ସରପଞ୍ଚ ବିକ୍ରମ ବେହେରାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ବନ୍ଧଡ଼ିହ ପଞ୍ଚାୟତବାସୀଙ୍କୁ ସମ୍ବୋଧିତ କରି ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ।

ଅନ୍ୟ ସମ୍ମାନିତ ଅତିଥି ଭାବେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ୩୬ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ୨୩ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ କେଦାର ସାମଲ, ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ ମହାନ୍ତି, ୨୧ନଂ ଜୋନର ଜିଲ୍ଲାପରିଷଦ ସଭ୍ୟ ଅଶୋକ ସାମଲ, ବନ୍ଧଡ଼ିହ ପଞ୍ଚାୟତର ସମିତି ସଭ୍ୟ ଅରକ୍ଷିତ ବେହେରା ଯୋଗଦେଇ ବିଧାୟକ ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିଥିଲେ। ଆସନ୍ତା ୧୩ ତାରିଖ ସୋମବାର ଦିନ ନାମାଙ୍କନପତ୍ର ଦାଖଲ କରିବେ। ସେଥିପାଇଁ ଦଳୀୟ କର୍ମୀଙ୍କୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ନିବେଦନ କରିଥିଲେ। ଏହି ସଭାରେ ଶହ ଶହ କର୍ମୀ ଉପସ୍ଥିତ ଥିଲେ।

# ଗୋପାଳପୁରରେ ସୁଜାତାଙ୍କ ନିର୍ବାଚନୀ ସଭା

**ଦଶରଥପୁର, ୧୧।୫(ସମିସ)**



ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତରେ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥିନୀ ସୁଜାତା ସାହୁ ନିର୍ବାଚନୀ ସଭା କରିଛନ୍ତି। ସେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିବାବେଳେ ପଞ୍ଚାୟତର ବିଭିନ୍ନ ୱାର୍ଡ଼ରେ ବିଧାୟିକା ପ୍ରାର୍ଥିନୀ ସୁଜାତା ସାହୁଙ୍କୁ ୱାର୍ଡ଼ବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗୋପାଳପୁର ପଞ୍ଚାୟତର ଉନ୍ନତି ତଥା ବିକଶିତ ଯାଜପୁର ଗଠନକୁ ପାଥେୟ କରି ବିଜେଡି ପ୍ରାର୍ଥିନୀ ଭାବେ ତାଙ୍କୁ ଅଧିକରୁ ଅଧିକ ମତଦାନ କରିବା ନିମନ୍ତେ ଶ୍ରୀମତୀ ସାହୁ ସମସ୍ତ ୱାର୍ଡ଼ବାସୀଙ୍କୁ ନିବେଦନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବହୁ ଜନହିତକର ଯୋଜନା ତଥା ମହିଳା ସଶକ୍ତିକରଣକୁ ନେଇ ଶ୍ରୀମତୀ ସାହୁ ମତଦାତାଙ୍କୁ ସଚେତନ କରିଥିଲେ। ଏହାପରେ ଏକ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା। ସକାଳୁ ଆରମ୍ଭ ହୋଇଥିବା ବିଜେଡିର ଏହି ଘରକୁ ଘର ଅଭିଯାନରେ ସ୍ଥାନୀୟ ସରପଞ୍ଚ ଏସ୍‌କେ ନାଦର, ରିଜୱାନ୍ ସାମ, ସେକ୍ ସାଜାଦ୍, ମିର ହାଇଦର ଅଲ୍ଲୀ, ସେକ୍ ହୋସେନ୍‌ଙ୍କ ସମେତ ବିଭିନ୍ନ ୱାର୍ଡ଼ର ସଭ୍ୟ ଓ ବହୁ ସଂଖ୍ୟାରେ ମହିଳା ସମର୍ଥକ ସାମିଲ ହୋଇଥିଲେ।

# ମା’ ମଙ୍ଗଳା ମହୋତ୍ସବ ପ୍ରସ୍ତୁତି ବୈଠକ

**ବ୍ୟାସନଗର, ୧୧।୫(ସମିସ):** ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁର ଗ୍ରାମରେ ୧୨ତମ ମା’ ମଙ୍ଗଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହରି ଗୋସାଇଁ ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନ ଓ ଭିକିପୁର ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ୧୨ ତାରିଖରୁ ୧୯ ତାରିଖ ଦୀର୍ଘ ୮ ଦିନ ଧରି ଏହି ମହୋତ୍ସବ ପାଳନ ନିମନ୍ତେ ଚୂଡାନ୍ତ ହୋଇଛି। ୧୨ ତାରିଖ ରବିବାର ସନ୍ଧ୍ୟା ୬ ଘଟିକା ସମୟରେ ଅଙ୍କୁରାରୋପଣ, ଶୁଭାଧିବାସ ଓ ନାମ ସଂକୀର୍ତ୍ତନ କରାଯିବା ସହିତ ୧୩ ତାରିଖ ସୋମବାର ପ୍ରାତଃ ୬ ଘଟିକା ସମୟରେ ୧୦୮ କଳସ ନେଇ କଳସ ଯାତ୍ରା ଗ୍ରାମ ପରିକ୍ରମା କରାଯିବ। କୁଣ୍ଡମଣ୍ଡଳ କାର୍ଯ୍ୟ ଓ ଯଜ୍ଞାରମ୍ଭ କରଯିବ।

ସେହିପରି ସୋମବାର ସନ୍ଧ୍ୟା ୬ ଘଟିକା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀର ସୁନାମଧନ୍ୟା ପ୍ରବଚିକା ସରୋଜିନୀ ଦେବୀ ପ୍ରବଚକ ଭାବେ ଯୋଗଦାନ କରିବେ। ୧୪ ତାରିଖ ମଙ୍ଗଳବାର ବେଦଜ୍ଞ ପଣ୍ଡିତ ରାଜକିଶୋର ରଥ ଓ ତାଙ୍କ ମଣ୍ଡଳୀ ଦ୍ୱାରା ସକାଳ ୬ ଘଟିକା ସମୟରେ ଗୋପୂଜା, ସୂର୍ଯ୍ୟପୂଜା, ଚଣ୍ଡିପାଠ, ବେଦପାଠ, ହୋମ କାର୍ଯ୍ୟ କରାଯିବା ପରେ ସନ୍ଧ୍ୟା ୬ ଘଟିକାରେ ମା’ଙ୍କ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ କରାଯିବା ସହିତ ସନ୍ଧ୍ୟା ୭ ଘଟିକାରେ ପ୍ରସାଦ ସେବନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦଧିବାମନଜୀଉ ଭଜନ ସନ୍ଧ୍ୟା ଲକ୍ଷ୍ମୀନଗର ପକ୍ଷରୁ ପରିବେଷଣ କରାଯିବା ସହିତ ଏହି କାର୍ଯ୍ୟକ୍ରମରେ ଓଲିଉଡର ସୁନାମଧନ୍ୟା କଣ୍ଠଶିଳ୍ପୀ ଲିପ୍ସା ମହାପାତ୍ର ଯୋଗଦାନ କରିବେ। ବୁଧବାରରୁ ରବିବାର ପ୍ରତ୍ୟହ ସନ୍ଧ୍ୟାରେ ମା’ଙ୍କ ମନ୍ଦିର ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଆ ଆଧ୍ୟାତ୍ମିକ କୀର୍ତ୍ତନ ସମେତ ସୁନାମଧନ୍ୟା ଗାୟିକା ପୁରୀ ବ୍ରହ୍ମଗିରି ଅଞ୍ଚଳର ମନୋରମା ବେହେରା ଓ ସାଥୀ, ଗୁରୁବାର ଗଣକବି ବୈଷ୍ଣବ ପାଣି, ବିଦ୍ୟାଧର ବେହେରା ଓ ସାଥୀଙ୍କ ପକ୍ଷରୁ ଘୋଡାନାଚ ପରିବେଷଣ, ଶୁକ୍ରବାର ଯାଜପୁର ରୋଡର ସାଇ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ, ଶନିବାର ତରାପୁରର ରାଧାମାଧବ ଡ୍ୟାନ୍ସ ଗ୍ରୁପ ଓ ରବିବାର ଭିକିପୁରର ମା’ ମଙ୍ଗଳା ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ବୈଠକରେ ଚୂଡାନ୍ତ ହୋଇଛି। ଏହି ମହୋତ୍ସବର ବିଭିନ୍ନ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଚୋରାମଦ ସହ ବେପାରୀ ଗିରଫ

**କବାଟବନ୍ଧ, ୧୧।୫(ସମିସ):** ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ରେଞ୍ଜ ମୋବାଇଲ ସ୍କ୍ୱାର୍ଡ ଯାଜପୁର ସଦର, ଧର୍ମଶାଳା, ରସୁଲପୁର ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ଶନିବାର ଜଣେ ବେପାରୀକୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୫.୬୦ ଲିଟର ବିଅର ଜବତ କରାଯାଇଥିବା ଜଣାପଡ଼ିଛି। ଗିରଫ ବେପାରୀ ଜଣଙ୍କ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ବନ୍ଦରେଶ୍ୱର ଗ୍ରାମର ଗଗନ ବିହାରୀ ସାମଲ (୬୧)। ଗଗନ ବନ୍ଦରେଶ୍ୱର ଅଞ୍ଚଳରେ ଚୋରାରେ ବିଅର ବିକ୍ରୟ କରୁଥିଲା। ଅବକାରୀ ବିଭାଗ ସୂଚନା ପାଇ ସେଠାରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ତାହା ନିକଟରୁ ୧୫.୬୦ ଲିଟର ବିଅର ଜବତ କରାଯାଇଥିଲା। ଅବକାରୀ ଆକ୍ଟରେ ମାମଲା ରୁଜୁ କରି ଗଗନକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ସୁପରଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନା ସୂଚନା ଦେଇଛନ୍ତି।

# ‘ସ୍ୱର ଓ ସ୍ୱାକ୍ଷର’ ପକ୍ଷରୁ କବି ଜୟଦେବଙ୍କ ଜୟନ୍ତୀ ପାଳିତ



**ଯାଜପୁର, ୧୧।୫(ସମିସ):** କବିରାଜ ଶ୍ରୀଜୟଦେବଙ୍କ ପ୍ରଣିତ ‘ଗୀତଗୋବିନ୍ଦ’ ସଂସ୍କୃତ ସାହିତ୍ୟରେ ଏକ ଅନୁପମ ସୃଷ୍ଟି। ଏହାର ସୃଷ୍ଟି କୁଶଳତା, ରଚନା ଶୈଳୀ ଓ ସୁମଧୁର ପଦାବଳୀ ସମଗ୍ର ସଂସ୍କୃତ ସାହିତ୍ୟରେ ଅନନ୍ୟ। ଏହି ଉତ୍କଳୀୟ କବିଙ୍କ ଜନ୍ମଭୂମି, କର୍ମକ୍ଷେତ୍ର ଓ ସୃଷ୍ଟି ବୈଚିତ୍ର୍ୟ ସର୍ବଦା ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ବିଶିଷ୍ଟ ବ୍ୟକ୍ତି ଜୟଦେବଙ୍କ ଜୟନ୍ତୀ ଉତ୍ସବରେ ପ୍ରକାଶ କରିଛନ୍ତି। ଯାଜପୁର ସହରସ୍ଥ ରୋଟାରୀ ଭବନରେ ପ୍ରମୁଖ ସାହିତ୍ୟାନୁଷ୍ଠାନ ‘ସ୍ୱର ଓ ସ୍ୱାକ୍ଷର’ ପକ୍ଷରୁ ଆୟୋଜିତ ଜୟଦେବଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠାନର ସଭାପତି କବି ଡଃ ଶ୍ରୀହରି ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ଡ.ଅଜୟ ମିଶ୍ର ମୁଖ୍ୟଅତିଥି, ଗାଳ୍ପିକ ନିତ୍ୟାନନ୍ଦ ପଣ୍ଡା ବରେଣ୍ୟ ଅତିଥି ଓ ଶିକ୍ଷାବିତ୍ ଡ. ବଟକୃଷ୍ଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭକ୍ତକବି ଜୟଦେବଙ୍କୁ ଭାରତୀୟ ସାହିତ୍ୟରେ ଅନନ୍ୟ ପ୍ରତିଭା ସମ୍ପନ୍ନ କବି ବୋଲି ପ୍ରତିପାଦିତ କରିଥିଲେ। ସାଧାରଣ ସମ୍ପାଦକ ନାରାୟଣ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ ସହସମ୍ପାଦକ କାମେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସହରର ବିଶିଷ୍ଟ ସାହିତ୍ୟିକ ଓ ସାହିତ୍ୟାନୁରାଗୀ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇଥିଲେ।

## ଓଡ଼ିଶୋରେ ଗ୍ରହରାଜ ଶନିଦେବଙ୍କ ମେଳା ଉଦ୍‌ଯାପିତ

**ବାରବାଟୀ, ୧୧।୫(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତର ଓଡ଼ିଶୋ ଅଣ୍ଡେଇଗୋଡା ଗ୍ରାମରେ ଆଜି ଗ୍ରହରାଜ ଶନିଦେବଙ୍କ ମେଳା ଉଦଯାପିତ ହୋଇଯାଇଛି। ସକାଳ ୯ଟା ସମୟରେ କଳସୀରେ ଜଳ ଅଣାଯାଇ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଥମେ ସୂର୍ଯ୍ୟନାରାୟଣ ପୂଜା ଓ ଅନ୍ୟାନ୍ୟ ପୂଜାପାଠ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟ ପଣ୍ଡିତ ନିରଞ୍ଜନ କର, ହାଡ଼ିବନ୍ଧୁ ପଣ୍ଡା, ପର୍ଶୁରାମ ପଣ୍ଡା, ଅମୂଲ୍ୟ କର ଓ ରମେଶ ବାରିକଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ବିନୟ ସାମଲ ଓ ପତ୍ନୀ ଅନୀମା ସାମଲ କର୍ତ୍ତା ଥିଲେ। ଆଖପାଖ ଅଞ୍ଚଳରୁ ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ରମେଶ ସାମଲ, ଅରୁଣ ସାମଲ, ଅଜିତ ନାୟକ, ଅଭୟ ସାମଲ, ସମ୍ପଦ ସାମଲ, ସନ୍ତୋଷ ସାମଲ, ଧ୍ୟାନଚାନ୍ଦ ସାମଲ, ଶାଶ୍ୱତ ସାମଲ, ମଢି ନାୟକ, ଓମପ୍ରକାଶ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମଙ୍ଗଳପୁର ଥାନା ନିକଟରୁ ଚୋରି ଘଟଣାରେ ପୁଲିସ ହାତ ଖାଲି

**ମଙ୍ଗଳପୁର, ୧୧।୫ (ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ମଙ୍ଗଳପୁର ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଡକାୟତମାନେ ଏକ ଘରୁ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇଥିବା ନେଇ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ଡକାୟତମାନେ ଘରର ସାମ୍ନା ଗେଟ୍ ଡେଇଁ ଘରର ମୁଖ୍ୟ ଚାବି ଭାଙ୍ଗି ଘର ଭିତରେ ପଶି ସୁନା ରୁପା ସହ ନଗଦ ଟଙ୍କା ଲୁଟି ନେଇଥିଲେ।

ସୂଚନା ମୁତାବକ, ମଙ୍ଗଳପୁରସ୍ଥ ସୁରେନ୍ଦ୍ର ରାଉତଙ୍କ ଘରେ ଭଦ୍ରକ ଜିଲ୍ଲା ଓଳଗମଠ ଗ୍ରାମର ସତ୍ୟନାରାୟଣ ନାୟକ ଓ ଯାଜପୁର ଜିଲ୍ଲା ମାଣିକଢିଅ ଗ୍ରାମର ପ୍ରକାଶ ଜେନା ଘର ଭଡ଼ା ନେଇ ରହୁଥିଲେ। ଘର ମାଲିକ ଭୁବନେଶ୍ୱର ଯାଇଥିବାବେଳେ ସତ୍ୟନାରାୟଣ ଓ ପ୍ରକାଶ ମଧ୍ୟ ନିଜ ନିଜ ଘରକୁ ଅକ୍ଷୟ ତୃତୀୟା ପାଇଁ ଯାଇଥିଲେ। ସମସ୍ତଙ୍କ ଅନୁପସ୍ଥିତର ସୁଯୋଗ ନେଇ ଡକାୟତମାନେ ଫିଲ୍ମ ଢଙ୍ଗରେ ଡକାୟତ କରିଥିବା ଦେଖିବା ପାଇଁ ମିଳିଛି। ସିସି କ୍ୟାମେରା ଲାଗିଥିଲେ ମଧ୍ୟ ଫାଟକ ଡେଇଁ ସିସି କ୍ୟାମେରାକୁ ଅକାମି କରି ଗଡ଼ରେଜ ଭାଙ୍ଗି ଲୁଟିଛନ୍ତି ସୁନା ରୁପା ଓ ନଗଦ ଟଙ୍କା। ଏ ନେଇ ମଙ୍ଗଳପୁର ଥାନାରେ ଅଭିଯୋଗ ହେବା ପରେ ମଙ୍ଗଳପୁର ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।ଚୋର ଯେତେ ଚାଲାକ ହେଲେ ବି କିଛି ନା କିଛି ସୁରାକ ଛାଡିଦେଇଥାଏ। ଯାହା ପୁଲିସ ହାତରେ ଧରା ପଡ଼େ। ସେମିତି ଏଠି ଡକାୟତ ଫାଟକ ଡେଇଁ ସିସି କ୍ୟାମେରା ନଷ୍ଟ କରିବା ପର୍ଯ୍ୟନ୍ତ ସମସ୍ତ ରେକର୍ଡ ସିସି ଟିଭିରେ ରେକର୍ଡ ହୋଇସାରିଛି। ସିସି ଟିଭିରେ ସବୁ ଦୃଶ୍ୟ କଏଦ ହୋଇ ରହିଛି। ଯାହା ସିସିଟିଭି ଅନ୍ କଲା ପରେ ଜଣାପଡ଼ିବ। ମଙ୍ଗଳପୁର ପୁଲିସକୁ ଡକାୟତଙ୍କ ଏହା ଖୋଲା ଚ୍ୟାଲେଞ୍ଜ। କାରଣ ଥାନାଠାରୁ ୨୦୦ ମିଟର ଦୂରରେ ହୋଇଛି ଚୋରି। ଧରା ନ ପଡ଼ିଲେ ପୁଲିସର ଅପାରଗତା ପଦାରେ ପଡ଼ିବ। ତେବେ ଦେଖିବାକୁ ବାକି ରହିଲା ମଙ୍ଗଳପୁର ପୁଲିସ ଡକାୟତଙ୍କୁ ଧରିବାରେ କେତେ ଶୀଘ୍ର ସଫଳ ହେଉଛି।

## ସୁକିନ୍ଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁକିନ୍ଦା, ୧୧।୫(ସମିସ):** ଶନିବାର ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୧୬ଟି ମୋକଦ୍ଦମାର ଶୁଣାଣି କରାଯାଇଛି। ଗୋଟିଏ ମାମଲାରେ ୬ ଜଣ ଅଭିଯୁକ୍ତଙ୍କଠାରୁ ୬୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟ ଅଧିକାରିଣୀ ବିଜୟଲକ୍ଷ୍ମୀ ମହାପାତ୍ର ମାମଲାର ଶୁଣାଣି କରିଥିଲେ। ସରକାରୀ ଆଇନଜୀବୀ ଚନ୍ଦ୍ରକାନ୍ତ ପାତ୍ର ଓ ଆଇନଜୀବୀ ପ୍ରଶାନ୍ତ ବଳିଆରସିଂ, ଚିତ୍ତରଞ୍ଜନ ମହାପାତ୍ର, ସୁବାସ ଚନ୍ଦ୍ର ମହାନ୍ତ ପ୍ରମୁଖ ମୋକଦ୍ଦମା ପରିଚାଳନା କରିଥିଲେ। ନ୍ୟାୟାଳୟର କର୍ମଚାରୀ ଅଜୟ କୁମାର ମଲିକ, ଗାୟତ୍ରୀ ଜେନା, ମହେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ବକ୍ସିଂରେ ଯାଜପୁର ଖେଳାଳିଙ୍କ କୃତିତ୍ୱ

**ବ୍ୟାସନଗର, ୧୧।୫(ସମିସ):** ଆନ୍ତର୍ଜାତିକ ସ୍ତରରେ ଯାଜପୁର ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ବ୍ୟାସନଗର ପୌରାଞ୍ଚଳର ଯୁବ ବକ୍ସର ମୁନସାଫ ରସୁଲ ଖାନଙ୍କ ପୁତ୍ର ମୁସାରଫ ରସୁଲ ଖାନ। ମୁସାରଫ ୫୬ କେଜି ବରିଷ୍ଠ ବକ୍ସିଂ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ନେପାଳ ପୋଖରାର ରଙ୍ଗଶାଳା ଷ୍ଟାଡିୟମରେ ଗତ ୪ରୁ ୮ ତାରିଖ ପର୍ଯ୍ୟନ୍ତ ଇଣ୍ଡୋ ନେପାଳ ଆନ୍ତର୍ଜାତିକ



ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ସେ ୮ ଜଣ ପ୍ରତିଯୋଗୀଙ୍କୁ ମାତ ଦେଇ ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ମୁସାରଫ ପେସାରେ ଜଣେ ବକ୍ସର ହୋଇଥିବାବେଳେ ତାଙ୍କର ବକ୍ସିଂ ଓ କରାଟେ ପ୍ରତି ଅହେତୁକ ଦୁର୍ବଳତା ଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହି ପ୍ରତିଯୋଗିତା ନିମନ୍ତେ ସେ ଉତ୍ତରାଖଣ୍ଡ ରାଜ୍ୟର ଡେରାଡୁନର ଦୁଇ ଅଭିଜ୍ଞ କୋଚ ସୁଖପ୍ରୀତ ସିଂ ଓ ଅଙ୍ଗଳଦୀଶଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିଲେ। ୨୦୧୭ରୁ ପ୍ରୋ ବକ୍ସିଂରେ ସାମିଲ ହୋଇ ମୁସାରଫ ଫେବୃଆରୀ ମାସରେ ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିବା ସହିତ ଆଗାମୀ ଏସିଆନ ଗେମ୍ସ ନିମନ୍ତେ ମନୋନୀତ ହୋଇଥିବା ଜଣାପଡ଼ିଛି। ତାଙ୍କର ଏହି ସଫଳତା ଖବର ପ୍ରଚାରିତ ହେବା ପରେ ଯାଜପୁର ରୋଡ ସମେତ ଏହାର ଆଖପାଖ ଅଞ୍ଚଳରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ମୁସାରଫଙ୍କ ବାପା ମୁନସାଫ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି।

## ଆଦମପୁର ସ୍କୁଲରୁ ଚୋରି ଘଟଣାରେ ୨ ଗିରଫ

**କୁଆଖିଆ, ୧୧।୫(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ଆଦମପୁର ଗ୍ରାମ ସ୍କୁଲରୁ ଆସବାବପତ୍ର ଚୋରି ହେବା ଘଟଣାରେ ଦୁଇଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିଭିନ୍ନ ଜିନିଷପତ୍ର ଜବତ କରିଛି। ଅଭିଯୁକ୍ତ ସ୍କୁଲ, କଲେଜ, ମନ୍ଦିର ପ୍ରଭୃତି ପବ୍ଲିକ ଅନୁଷ୍ଠାନରୁ ବିଭିନ୍ନ ସମୟରେ ସାଉଣ୍ଡ ବକ୍ସ, ମେସିନ, ପାଣି ମଟର ଆଦି ଇଲେକଟ୍ରୋନିକ ସାମଗ୍ରୀ ଓ ଆସବାବପତ୍ର ଚୋରି କରୁଥିଲେ। ଗିରଫ ଅଭିଯୁକ୍ତ ଦୁଇଜଣ ସେହି ଗାଁର ବିକାଶ ଦାସ ଓରଫ ଭୁଆଁ ଓ ବାବୁଆ ଖିଲାର।

## ଘୋରାଘୋରି କଲ୍‌ଭର୍ଟ କାମ ନିମ୍ନମାନର

**ଯାଜପୁର, ୧୧।୫(ସମିସ):** ବଡ଼ଚଣା ବ୍ଲକର ସମିଆଁ ପଞ୍ଚାୟତ ଅନ୍ତର୍ଗତ କୋହ୍ଲା ଗ୍ରାମ ନିକଟ ଘୋରାଘୋରିଠାରେ ୩ ମାସ ତଳେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା କଲଭର୍ଟ ଭୁଶୁଡ଼ି ପଡ଼ିଛି। ଏହି କଲଭର୍ଟ ଉପରେ ଆଜି ଏକ ହାଇୱା ଚିପ୍ସ ବୋଝେଇ କରି ଅତିକ୍ରମ କରୁଥିବାବେଳେ ହଠାତ ସେହି କଲଭର୍ଟଟି ମଝିରୁ ଭାଙ୍ଗି ଦୁଇ ଖଣ୍ଡ ହୋଇଯାଇଥିଲା। ହାଇୱା ତଳକୁ ଖସି ପଡ଼ିଲା। ଏଥିରୁ ସ୍ପଷ୍ଟ ବୁଝା ପଡ଼ିଛି ଠିକାଦାର (ପଞ୍ଚାୟତ ନିର୍ବାହୀ ଅଧିକାରୀ) କେତେ ମଜବୁତ ଭାବେ ନିର୍ମାଣ କାର୍ଯ୍ୟ କରିଥିଲେ ଓ ବଡଚଣା ବ୍ଲକର ବିଭାଗୀୟ ଯନ୍ତ୍ରୀ ତାହାକୁ କିଭଳି ତଦାରଖ କରିଥିଲେ। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି।

# ତାଲୁଆ ଶନିଶ୍ଚରଙ୍କ ପୀଠରେ ମହାଯଜ୍ଞ



**ବାଲିଚନ୍ଦ୍ରପୁର, ୧୧।୫(ସମିସ):** ବଡ଼ଚଣା ବ୍ଲକ ସାଉଡିଆ ପଞ୍ଚାୟତ ଅନ୍ତର୍ଗତ ତାଲୁଆ ଶନିଶ୍ଚରଙ୍କ ପୀଠରେ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏ ଉପଲକ୍ଷେ ଗତ ଗୁରୁବାର ଦିନ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ କରାଯାଇଥିଲା। ଶୁକ୍ରବାର ଓ ଶନିବାର ଯଜ୍ଞ କାର୍ଯ୍ୟ ଯଥାବିଧି ସମ୍ପନ୍ନ ହୋଇଥିବାବେଳେ ରବିବାର ଦିନ ଉଦ୍‌ଯାପିତ ହେବ ବୋଲି କମିଟି ସୂତ୍ରରୁ ଜଣାପଡ଼ିଛି। ଆଜି ଅନୁଷ୍ଠିତ ଶନିଶ୍ଚର ମେଳାରେ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରତ୍ୟୁଷରୁ ଶନିଦେବଙ୍କୁ ଜଳଲାଗି କରିଥିଲେ। ବିଜେଡି ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀ, ବିଜେପି ପ୍ରାର୍ଥୀ ଅମର ନାୟକ ଶନିଦେବଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ସେହିଭଳି କଂଗ୍ରେସ କର୍ମୀ ଆଗନ୍ତୁକ ଭକ୍ତଙ୍କୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରିଥିଲେ। ବୈକୁଣ୍ଠ ଶତପଥୀ ଓ ଧର୍ମପତ୍ନୀ କର୍ତ୍ତା ଭାବେ ଯଜ୍ଞ କାର୍ଯ୍ୟ ସମାପନ କରିଥିବାବେଳେ ପଣ୍ଡିତ ରଞ୍ଜନ କୁମାର ନନ୍ଦ ଓ ସାଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ପଲ୍ଲୀପ୍ରଭା ଯୁବକ ସଂଘ ସଦସ୍ୟ ଓ ବରିଷ୍ଠ ନାଗରିକ ଶିଶିର କୁମାର ଜେନା, ବୀରଭଦ୍ର ପ୍ରଧାନ, ହରିହର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ଅଶୋକ କୁମାର ଜେନା, ଜ୍ଞାନରଞ୍ଜନ ପରିଡ଼ା, ବିପିନ ବିହାରୀ ସାହୁ ପ୍ରମୁଖ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟ ପରିଚାଳନା କରିଥିଲେ।

## ସୁକିନ୍ଦାର ବିଭିନ୍ନ ସ୍ଥାନରେ ଶନିଶ୍ଚରଙ୍କ ପୂଜା

# ରାଛିପୁର ଶନି ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼

**ଦାନଗଦି, ୧୧।୫(ସମିସ)**





ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଆଜି ଗ୍ରହରାଜ ଶନି ଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଛି। ପୁରପଲ୍ଲୀରେ ଶନି ବ୍ରତ ପାଳନ ସହିତ ରାଛିପୁର ଉପଲେଇ ପୀଠରେ ଶନି ଦେବଙ୍କ ଉଦ୍ଦେଶ୍ୟରେ ମହାଯଜ୍ଞ ଅନୁଷ୍ଠିତ ହେଉଛି। ବ୍ରତଧାରୀ ଶନି ଦେବଙ୍କ ଆଶିଷ ପାଇବା ପାଇଁ ଶନି ଦେବଙ୍କୁ ଜଳାଭିଷେକ କରିଥିଲେ। ଏହାକୁ ନେଇ ସମଗ୍ର ସୁକିନ୍ଦାରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଜୟ ଶନି ଦେବଙ୍କ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଶୁକ୍ରବାର ଅଙ୍କୁରାରୋପଣ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଘଟ ସ୍ଥାପନ ହୋଇଥିଲା। ଶନିବାର ଭୋର ଚାରି ଘଟିକାରୁ ମନ୍ଦିର ଦ୍ୱାର ଫିଟା ଯାଇ ବୈଦିକ ରୀତିନୀତି ଅନୁଯାୟୀ ଗ୍ରହରାଜଙ୍କୁ ବିଭିନ୍ନ ବେଶରେ ପୂଜା କରାଯାଇଥିଲା। ଶ୍ରଦ୍ଧାଳୁ ବିଭିନ୍ନ ଫଳ ପୁଷ୍ପ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିବା ସହ ଗ୍ରହ ଶାନ୍ତି ପାଇଁ ଜଳାଭିଷେକ କରି ମାନସିକ ପୂରଣ କରିଥିଲେ। ୭୫ ବର୍ଷ ଧରି ଏହି ମେଳା ମହାସମାରୋହରେ ପାଳିତ ହେଉଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ପ୍ରଭୁ ଶନିଦେବଙ୍କ ମନ୍ଦିରରେ ପହଞ୍ଚି ଗ୍ରହରାଜ ଶନିଶ୍ଚରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ପିତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ତାଙ୍କ ଧର୍ମପତ୍ନୀ, ପରିବାର ଲୋକେ ପହଞ୍ଚି ପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ପରିଚାଳନା କମିଟି ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଟ କରାଯାଇଥିଲା। ପିଇବା ପାଣିର ବ୍ୟବସ୍ଥା କରାଯାଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କମିଟି ପକ୍ଷରୁ ଏକ ଟିମ ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ବାମନ ଚରଣ ସାହୁ, ତପନ କୁମାର ସାହୁ, ବିନୋଦ ବିହାରୀ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ବିଜୟ କୁମାର ସାହୁ, ଗଜେନ୍ଦ୍ର ଗାହାଣ, ନିର୍ମଳ ସାହୁ, ଶିଶିର ସାହୁ, ଦେବେନ୍ଦ୍ର ସାହୁ ପ୍ରମୁଖ ଏହି ପୂଜା କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ମେଳା ଆସନ୍ତାକାଲି ଉଦ୍‌ଯାପିତ ହେବ।

### ବାବମଣିଙ୍କ ବିବାହ ପାଇଁ ପ୍ରସ୍ତୁତି ବୈଠକ

# ୨୩ରେ ଉଠିବ ଲଗ୍ନଥାଳ



ଭଦ୍ରକ/ଆରଡି, ୧୧।୫(ସମିସ)

**● ଜୁନ ୧୦ରେ ମଙ୍ଗଳକୃତ, ୧୧ରେ ଦେବଦମ୍ପତିଙ୍କ ବିବାହ**

ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ଆସନ୍ତା ଜୁନ୧୧ରେ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଅପରାହ୍ଣରେ ଆଭାସୀ(ଭିସି) ମାଧ୍ୟମରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏସ୍‌ପି ବରୁଣ ଗୁଣ୍ଡପାଲି, ଉପଜିଲାପାଳ ତଥା ମନ୍ଦିରଟ୍ରଷ୍ଟି ମନୋଜ ପାତ୍ର, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ସହ ଜିଲା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦୀପକ ପାଣିଗ୍ରାହୀ, ଧାମନଗର ଏସ୍‌ଡିପିଓ, ଅଗ୍ନିଶମ ବିଭାଗ ଅଧିକାରୀ, ଜଳପରିମଳ ବିଭାଗର ଅଧିକାରୀ, ବିଦ୍ୟୁତ, ପରିବହନ, ବସ ସିଣ୍ଡିକେଟ ଆଦି ସମସ୍ତ ବିଭାଗର ଅଧିକାରୀଗଣ ଯୋଗ ଦେଇଥିଲେ। ସର୍ବ ପ୍ରଥମେ ମନ୍ଦିରର ବରିଷ୍ଠ ସେବାୟତ ବିଜୟ କୁମାର ଦାଶ ବିବାହ ଉତ୍ସବର ବରପିତା ଓ କନ୍ୟାପିତା ଚୟନ ପ୍ରକ୍ରିୟା ଅକ୍ଷୟ ତୃତୀୟାରେ ସ୍ଥିରିକୃତ ହୋଇଥିବା ସୂଚନା ଦେବା ସହ ଚଳିତମାସ ୨୩ରେ ଲଗ୍ନଥାଳ ଉଠା ନୀତି ସମ୍ପନ୍ନ ହେବ। ପରେ ନିମନ୍ତ୍ରଣ ପତ୍ର ଓ ମଙ୍ଗୁଳା ଗୁଆ ଜିଲ୍ଲା ସମେତ ପଡୋଶୀ ଜିଲ୍ଲାର ସମସ୍ତ ଦେବାଦେବୀଙ୍କୁ ପ୍ରଦାନ କରାଯିବ। ଆସନ୍ତା ଜୁନ ୧୦ରେ ମଙ୍ଗଳକୃତ୍ୟ ନୀତି ସମ୍ପନ୍ନ କରାଯିବା ପରେ ଜୁନ ୧୧ରେ ବୈଦିକ ରୀତିନୀତି ଓ ଲୋକାଚାରରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ। ଏହି ବିବାହ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ଶିଳ୍ପୀ ଯୋଗ ଦେବେ ବୋଲି ଜଣାଇଥିଲେ। ଶିବବିବାହ ଉତ୍ସବରେ ବିଶେଷ ଆକର୍ଷଣ ବରାନୁଗମନ ଶୋଭାଯାତ୍ରା ହୋଇଥିବାରୁ ଦେବଦମ୍ପତିଙ୍କୁ ଦର୍ଶନ କରିବା ସହ ଶୋଭାଯାତ୍ରାରେ ସାମିଲ ହେବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପୀଠରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହିତ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଏସ୍‌ପି ଶ୍ରୀ ଗୁଣ୍ଡପାଲି କହିଥିଲେ। ସେହିପରି ପୀଠରେ ୨୪ ଘଣ୍ଟିଆ ବିଦ୍ୟୁତ ସେବା ସହ ପାନୀୟଜଳ ଯୋଗାଣ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପାଳ ଶ୍ରୀ ବନ୍ଦୋର ଆଲୋଚନା କରିବା ସହ ଆବଶ୍ୟକତା ଅନୁଯାୟୀ ବିବାହ ଉତ୍ସବର ୭ଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ଜଣାଇଥିଲେ। ସେହିପରି ରାତିରେ ପୀଠକୁ ଯାତାୟାତ ନିମନ୍ତେ ବସ୍‌ସେବା, ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା, ସୂଚନାକେନ୍ଦ୍ର, ପରିମଳ ଆଦି ଉପରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ସମସ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୀଠରେ ଥିବା ୩ଟି ନଦୀଘାଟରେ ଯେପରି ଭାବେ ସୁରକ୍ଷିତ ଭାବେ ଯାତ୍ରୀମାନଙ୍କର ପରିବହନ ହେବ ନଦୀଘାଟ ଗୁଡିକର ଉଭୟ ପାର୍ଶ୍ୱରେ ଅଗ୍ନିଶମବାହିନୀ ଓ ଓଡ୍ରାଫ ଟିମ୍ ମୁତୟନ ରହିବେ। ଅନ୍ୟପଟେ ପୀଠରେ ଚାଲିଥିବା ଉନ୍ନୟନ କାର୍ଯ୍ୟ କେତେବାଟ ଆଗେଇଛି ତାହା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧିକାରୀଙ୍କ ଠାରୁ ପଚାରି ବୁଝିଥିଲେ। ସେହିପରି ବାବାଙ୍କ ଶିବଗଙ୍ଗା ପୁଷ୍କରିଣୀ କାର୍ଯ୍ୟକୁ ତ୍ୱରାନିତ୍ୱ କରି ବର୍ଷା ଋତୁ ପୂର୍ବରୁ ସାରିବା ପାଇଁ ପରାମର୍ଶ ଦେଇଥିଲେ ଜିଲାପାଳ। ଏହି ଆଭାସୀ ବୈଠକରେ ବରପିତା କେଦାରନାଥ ପାଢ଼ୀ, କନ୍ୟାପିତା ମନୋରଞ୍ଜନ ପାଢ଼ୀ, ଟ୍ରଷ୍ଟବୋର୍ଡ ସଭ୍ୟ ସରୋଜ ଦାଶ, ସେବାୟତ ପ୍ରତିନିଧି ସନ୍ତୋଷ ପାଢ଼ୀ, ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସେବାୟତ ସରୋଜ ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କ ସହ ବହୁ ସେବାୟତ ଯୋଗ ଦେଇଥିଲେ।

## କଳାକାର ଭତ୍ତା ବୃଦ୍ଧିନେଇ ଧନ୍ୟବାଦ ଜଣାଇଲେ କଳାକାର ସଂଘ



**ଧାମନଗର, ୧୧।୫(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଅଧୀନ ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗି ପଡ଼ିଆ ଠାରେ ଅନୁଷ୍ଠିତ ବ୍ଲକ କଳାକାର ସଂଘ ବୈଠକରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରତିଭା ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ଏହି ବୈଠକରେ ଧାମନଗର ବ୍ଲକରେ ପଞ୍ଜିକୃତ ୬୩୫ ଜଣ ଲୋକ କଳାକାରଙ୍କ ମଧ୍ୟରୁ ୩୦୦ରୁ ଉର୍ଦ୍ଧ୍ୱ କଳାକାର ଯୋଗଦେଇଥିଲେ। ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ କୁମାର ଦାସ ଯୋଗ ଦେଇ ୨୦୧୮ ମସିହାରେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପ୍ରଣୟନ କରି ଓଡ଼ିଶାର ପ୍ରାୟ ୫୦ ହଜାର କଳାକାରଙ୍କୁ ମାସିକ ୧୨୦୦ ଟଙ୍କା ଭତ୍ତା ଆକାରରେ ପ୍ରଦାନ କଲେ। ଯାହାଫଳରେ ଗରିବ ନାଚାର କଳାକାରଟି ବାର୍ଦ୍ଧକ୍ୟରେ ଆଶାବାଡି ପରି ସାହାରାଟିଏ ପାଇଲା। ସେହି ବର୍ଷ ଧାମନଗର ବ୍ଲକ ଅଞ୍ଚଳର ୨୧୦ ଜଣ କଳାକାର ଏହି ଯୋଜନାରୁ ଉପକୃତ ହେଲେ। ପୁଣି ୨୦୨୩ ମସିହାରେ ବ୍ଲକର ୧୨୬ ଜଣ ଲୋକ କଳାକାର ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପାଇଲେ। ଏବେ ପାରିପାର୍ଶ୍ୱିକ ଦରଦାମକୁ ଆଖି ଆଗରେ ରଖି ସେହି ଭତ୍ତାକୁ ୧୨୦୦ରୁ ୨୦୦୦ ହଜାର ଟଙ୍କାକୁ ବୃଦ୍ଧି କରି ପୁଣି ଥରେ କଳାକାରଙ୍କ ମୁହଁରେ ହସ ଫୁଟାଇଛନ୍ତି ବୋଲି ଡା.ସଞ୍ଜୟ ଦାସ ତାଙ୍କ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବ୍ଲକ ବିଜେଡି ଯୁବ ସଭାପତି ଭାରତ ବିଜୟ ଦଳାଇ, ସ୍ଥାନୀୟ ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ପୂର୍ବତନ ସମିତି ସଭ୍ୟ ରଂଜିତ କୁମାର ଜେନା, ବରିଷ୍ଠ ସଂଗଠକ ମାୟାଧର ପଣ୍ଡା, ଦାମୋଦର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ ସହିତ ୨୦୦୦ଟଙ୍କା ବୃଦ୍ଧିକୁ କଳାକାର ସଂଘ ଖୁସିବ୍ୟକ୍ତ କରି ନିଷ୍ପତି ନେଇଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆସନ୍ତା ନିର୍ବାଚନରେ ବିଜେଡି ଲୋକସଭା ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଭଦ୍ରକ ଏବଂ ଧାମନଗର ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ କୁମାର ଦାସଙ୍କୁ ଶଙ୍ଖ ଚିହ୍ନର ଭୋଟ ଦେଇ ଜୟଯୁକ୍ତ କରାଇବାକୁ ଧାମନଗର ବ୍ଲକ ଲୋକ କଳାକାର ସଂଘ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଅତିଥି ଓ ନେତୃମଣ୍ଡଳୀ ପ୍ରମୁଖ ସ୍ୱାଗତ କରିଥିଲେ।

## ପ୍ରାର୍ଥୀଙ୍କ ସତ୍ୟପାଠ



**● ପ୍ରଫୁଲ୍ଲଙ୍କ ସମ୍ପତି ୧୦. ୪୦ ଲକ୍ଷ ଟଙ୍କା**

**ଭଦ୍ରକ, ୧୧।୫(ସମିସ):** ନାମାଙ୍କନ ପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ସେମାନଙ୍କ ସମ୍ପତ୍ତି ଓ ଶିକ୍ଷାଗତ ଯୋଗ୍ୟତା ନେଇ ଦେଇଛନ୍ତି ସତ୍ୟପାଠ। ଏହି ସତ୍ୟାପାଠ ଅନୁଯାୟୀ, ଭଦ୍ରକ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି, ସେଥିରେ ତାଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ୨ ଲକ୍ଷ ୩୪ ହଜାର ତେୟାନବେ ଟଙ୍କା ଓ ତାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ମୂଲ୍ୟ ୮ ଲକ୍ଷ ୬ ହଜାର ୪୦୬ ଟଙ୍କା ବୋଲି ଦର୍ଶାଇଛନ୍ତି। ବିଜେଡି ପ୍ରାର୍ଥୀ ଶ୍ରୀ ସାମଲଙ୍କ ମୋଟ ୧୦ଲକ୍ଷ ୪୦ହଜାର ୪୯୯ଟଙ୍କା ବୋଲି ଦର୍ଶାଯାଇଛି। ପ୍ରାର୍ଥୀ ଶ୍ରୀ ସାମଲ ଭଦ୍ରକ କଲେଜରୁ ବିଜ୍ଞାନରେ ସ୍ନାତକ ଓ ପରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ହାସଲ କରିଛନ୍ତି।

**● ଅସିତଙ୍କ ସମ୍ପତ୍ତି ୧୧.୮୯କୋଟି**

ଭଦ୍ରକ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଅସିତ ପଟ୍ଟନାୟକଙ୍କ ପାଖେ ୮କୋଟି ୨୦ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ଓ ୩ କୋଟି ୬୯ ଲକ୍ଷ ୬୦ ହଜାର ୩୨୧ ଟଙ୍କାର ଅସ୍ଥାବର ସମ୍ପତ୍ତି ଅଛି। ଅସିତ ପ୍ରାର୍ଥିପତ୍ର ସହିତ ଦାଖଲ କରିଥିବା ସତ୍ୟପାଠରେ ଏହା ଦର୍ଶାଇଛନ୍ତି। ତାଙ୍କ ପାଖରେ ମୋଟ ୧୧.୮୯କୋଟି ଟଙ୍କା ସମ୍ପତ୍ତି ଅଛି। କଂଗ୍ରେସ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ବିଜେବି କଲେଜରୁ ବାଣିଜ୍ୟରେ ସ୍ନାତକ ସହିତ କ୍ୟାପିଟାଲ ଲ' କଲେଜରୁ ଆଇନରେ ସ୍ନାତକ ହାସଲ କରିଛନ୍ତି।

**● ସୀତାଂଶୁଙ୍କ ୫.୯୩ କୋଟିର ମାଲିକ**

ଭଦ୍ରକ ବିଧାନସଭା ଆସନରୁ ବିଜେପିର ପ୍ରାର୍ଥୀ ହୋଇଥିବା ସୀତାଂଶୁ ଶେଖର ମହାପାତ୍ରଙ୍କ ମୋଟ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୪ କୋଟି ୮୮ଲକ୍ଷ ୧୫ ହଜାର ୪୨ ଟଙ୍କା ଏବଂ ତାଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୧କୋଟି ୫ଲକ୍ଷ ୪୦ ହଜାର ୫୦୦ ଟଙ୍କା ବୋଲି ସେ ଦାଖଲ କରିଥିବା ସତ୍ୟପାଠରୁ ଜଣାଯାଇଛି। ତାଙ୍କର ମୋଟ ୫.୯୩କୋଟି ଟଙ୍କାର ସମ୍ପତ୍ତି ରହିଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି। ବିଜେପି ପ୍ରାର୍ଥୀ ସୀତାଂଶୁ ଭଦ୍ରକ କଲେଜରୁ ବାଣିଜ୍ୟରେ ସ୍ନାତକ ଉତୀର୍ଣ୍ଣ ହୋଇଛନ୍ତି।

## ଅସହାୟ ଝିଅର ହେଲା ଥଇଥାନ

**ଭଦ୍ରକ, ୧୧।୫(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ନିକଟର ପାରାଲିଗାଲ୍ କର୍ମୀ (ସ୍ୱେଚ୍ଛାସେବୀ) ଅର୍ଣ୍ଣପୂର୍ଣ୍ଣା ସାହୁ ଜଣେ ଅସହାୟ ମହିଳା ପ୍ରଶାନ୍ତି ନାୟକଙ୍କ ଦରଖାସ୍ତ ପହଞ୍ଚାଇ ଥିଲେ। ସେହି ଅସହାୟ ମହିଳାଙ୍କର ୧୩ ବର୍ଷର ଝିଅ ତପସ୍ୱିନୀ ନାୟକଙ୍କୁ ଥଇଥାନ ନିମିତ୍ତ ଦରଖାସ୍ତ କରାଯାଇଥିଲା। ତଦନୁଯାୟୀ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ତୁରନ୍ତ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ତୁରନ୍ତ ପଦକ୍ଷେପ ନେବା ପାଇଁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଥିଲା। ଯାହାଫଳରେ ଛୋଟ ଝିଅ ତପସ୍ୱିନୀଙ୍କୁ ଚରମ୍ପାସ୍ଥିତ ଥଇଥାନ ପୁନଃର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ରରେ ରହିବା, ପାଠପଢ଼ିବା ଓ ସମସ୍ତ ଯତ୍ନର ବ୍ୟବସ୍ଥା ହୋଇ ପାରିଥିଲା।

**● ପିକ୍‌ଅପ୍ ଧକ୍କାରେ ଶିଶୁ ମୃତ**

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ବାସୁଦେବପୁର, ୧୧।୫(ସମିସ):** ବାସୁଦେବପୁର ପୌରପାଳିକାର ମନ୍ଦାରୀ ପୋଲ ନିକଟରେ ଆଜି ସକାଳେ ଏକ ପିକଅପ୍ ଧକ୍କାରେ ବାଳକର ମୃତ୍ୟୁ ହୋଇଯାଇଛି। ମୃତ ଶିଶୁପୁତ୍ର ଜଣଙ୍କ ହେଲା ମନ୍ଦାରୀ ଗ୍ରାମର କାହ୍ନୁଚରଣ ମଳିକଙ୍କ ପୁଅ ସରୋଜ ମଳିକ(୫)। ସୂଚନାନୁଯାୟୀ, ରାସ୍ତାର ଯାଉଥିବା ସମୟରେ ଏକ ପିକଅପ୍ ଧକ୍କା ଦେଇ ଥିଲା। ଘଟଣାସ୍ଥଳୀରେ ସରୋଜ ମୃତ୍ୟୁବରଣ କରିଥିଲା। ଦୁର୍ଘଟଣା ଘଟାଇ ପିକ୍‌ଅପ୍ ଭାରସାମ୍ୟ ହରାଇ ନୟନଜୋରିକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ବାସୁଦେବପୁର-ଧାମରା ରାସ୍ତାକୁ ଅପରାହ୍ନ ୪ଟା ଯାଏଁ ଅବରୋଧ କରି ରଖିଥିଲେ। ପୁଲିସ ଘଟଣାସ୍ଥଳର ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।



## ବାରିକପୁର-କାଶୀମ୍‌ପୁର ରାସ୍ତା ନିର୍ମାଣ ନିମ୍ନମାନର

**ଅସୁରାଳି, ୧୧।୫(ସମିସ):** ବାରିକପୁର ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ବାରିକପୁରରୁ ଅଭିଲ ଛକ ଯାଏଁ ହୋଇଥିବା ପିଚୁ ଅତ୍ୟନ୍ତ ନିମ୍ନମାନର। ପ୍ରତିଦିନ ଶତାଧିକ ସଂଖ୍ୟାରେ ଛାତ୍ରଛାତ୍ରୀ, ବ୍ୟବସାୟୀ, କର୍ମଜୀବୀ ଜନସାଧାରଣ ଏହି ରାସ୍ତା ଦେଇ ଭଦ୍ରକ, ବାରିକପୁର, କଟକ, ଭୁବନେଶ୍ୱର ଆଦି ସ୍ଥାନ ସହିତ ସ୍କୁଲ କଲେଜ ଓ ନିକଟସ୍ଥ ହାଟବଜାରକୁ ଯାତାୟାତ କରନ୍ତି। ବିଶେଷ କଥା ହେଲା ଏହି ସଡକଟି ବାରିକପୁର ନିକଟରେ ଜାତୀୟ ରାଜପଥ ସହିତ ସଂଯୁକ୍ତ ହୋଇଛି। ଏହି ବାଟ ଦେଇ ଗୋଟିଏ ଯାତ୍ରୀବାହୀ ବସ୍ ମଧ ରାଜଧାନୀ ଭୁବନେଶ୍ୱରକୁ ଯିବା ଆସିବା କରିଥାଏ। ଦୁଃଖର ବିଷୟ ଏହି ରାସ୍ତାର ଦୁରବସ୍ଥା ସଂପର୍କରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇବା ସତ୍ତ୍ୱେ ଓ ସ୍ଥାନୀୟ ଜନସାଧାରଣ ବିଭାଗ, ପ୍ରଶାସନକୁ ଅବଗତ କରାଇବା ପରେ ବି କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ନିର୍ମାଣ ନାମରେ ଆସୁଥିବା ୨୮କୋଟି ଟଙ୍କାକୁ ହରିଲୁଟ କରାଯାଇ ନାମକୁ ମାତ୍ର ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ ରାସ୍ତା ଅବସ୍ଥା ଏମିତି ହୋଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅସୁରାଳି, ଗଡ଼ିଆଳି, ଗୋବିନ୍ଦପୁର, ଚୁଡ଼ାକୁଟି, ଖପରପଦା, ଦଇପୁର, କଲ୍ୟାଣୀ, କଟସାହି, ଖପରପଦା, ବାରିକପୁର, କାଶୀମପୁର ଅଞ୍ଚଳର



ବାସିନ୍ଦାଙ୍କ ଦୈନନ୍ଦିନ ଜୀବନଯାତ୍ରା ଉପରେ ଏହି ରାସ୍ତା ବେଶ୍ ଗୁରୁତ୍ୱ ବହନ କରେ ଓ ରାସ୍ତା ସାରା ଯେଉଁ କଞ୍ଚାମାଲ ବ୍ୟବହାର ହୋଇଛି ତାହା ବହୁ ନିମ୍ନମାନର। କଲଭର୍ଟ ଗୁଡ଼ିକର ମଧ ରକ୍ଷଣବେକ୍ଷଣାର ଅଭାବ ପରିଲକ୍ଷିତ ହେଉଛି। ପୁନଶ୍ଚ ଏହି ରାସ୍ତାଟି ନୟନମଣି ମହାବିଦ୍ୟାଳୟ, ଅସୁରାଳି ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ବେଷ୍ଟ ଇଞ୍ଜିନିୟରିଂ କଲେଜକୁ ସଂଯୋଗ କରୁଥିବାରୁ ଅନେକ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଯାଞ୍ଚ କରିବା ନିହାତି ଅପରିହାର୍ଯ୍ୟ। ଏଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଜନ ସାଧାରଣରେ ଦାବି ହୋଇଛି। ସର୍ବୋଚ୍ଚ ଅଧିକାରୀ ଦୀପକ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ ତଦନ୍ତ କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**● ପ୍ରତିଷ୍ଠାର ୫୩ ବର୍ଷ ପରେ ବି ରୂପରେଖ ବଦଳୁନି**

## ୨ କୋଠରିରେ ୮ ଶ୍ରେଣୀର ପାଠପଢ଼ା

**ବନ୍ତ/ଆଗରପଡ଼ା, ୧୧।୫(ସମିସ):** ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଭରସିଂହପୁର ସରକାରୀ ଉଚ୍ଚପ୍ରାଥମିକ ମଧ୍ୟଇଂରାଜୀ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବରୁ ୨ଟି କୋଠରିରେ ୮ଟି ଶ୍ରେଣୀର ପାଠପଢ଼ା ଚାଲୁଥିବା ଦେଖିବାକୁ ମିଳିଛି। ଏପରିକି ଘର ଅଭାବରୁ ପିଲାମାନେ ବାରଣ୍ଡାରେ ବସି ପଢୁଥିବାର ଜଣାପଡ଼ିଛି। ୧୯୭୧ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଚଳିତ ବର୍ଷ ୬୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବର୍ତ୍ତମାନ ଉକ୍ତ ବିଦ୍ୟାଳୟଟି ନାନାଦି ସମସ୍ୟା ମଧ ଦେଇ ଗତି କରୁଥିବାର ଜଣାପଡ଼ିଛି।

ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ୟୁପିଏମଇ ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବାରୁ ସର୍ବଶିକ୍ଷା ଅଭିଯାନ ଦ୍ୱାରା ନିର୍ମିତ ଦୁଇଟି କୋଠରି ୮ଟି ଶ୍ରେଣୀର ପିଲାଙ୍କ ପାଠପଢ଼ା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପୂର୍ବରୁ ବିଦ୍ୟାଳୟ ପରିସରରେ ଥିବା ଏକ ପୁରାତନ ଆଜ୍‌ବେଷ୍ଟସ୍ ଘରେ ପିଲା ପଢୁଥିଲେ। ତେବେ ଗତ ଫନି ବାତ୍ୟାରେ ଏହାର ଛାତ ଦବିଯିବା ଓ ଏହା ପରିସରରେ ବିଷଧର ସାପ ରହୁଥିବା ଯୋଗୁଁ ଏହା ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ସୁଦ୍ଧା ଏହାକୁ ଭାଙ୍ଗିବାର କୌଣସି ବ୍ୟବସ୍ଥା କରାଯାଉନାହିଁ। ସେହିପରି ବିଦ୍ୟାଳୟ ପରିସରରେ ନିର୍ମିତ ନୂତନ ଗୃହ ଅଧପନ୍ତରିଆ ଅବସ୍ଥାରେ ଥିବାରୁ ଶ୍ରେଣୀଗୃହକୁ ନେଇ ଚିନ୍ତାରେ ଅଭିଭାବକମାନେ ଅଛନ୍ତି। ଅପରପକ୍ଷରେ ନିକଟସ୍ଥ ରାଉତରାଗଡ଼ିଆ ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟ ଦୂରତା ଦୃଷ୍ଟିରୁ ଏହି ବିଦ୍ୟାଳୟ ସହ ମିଶିଯାଇଛି। କିନ୍ତୁ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପାଖାପାଖି ୪୦ଜଣ ପିଲା ଅଦ୍ୟାବଧି ଭରସିଂହପୁର ସରକାରୀ ୟୁଜିମଇ ସ୍କୁଲକୁ ଅଧ୍ୟୟନ ପାଇଁ ଆସୁନଥିବା ବେଳେ ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକ ବର୍ତ୍ତମାନ ଭରସିଂହପୁର ସ୍କୁଲରେ କାର୍ଯ୍ୟ ସଂପାଦନ କରୁଛନ୍ତି। ସରକାରୀ ନିୟମାନୁସାରେ ଉକ୍ତ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ, ଅର୍ଥ ଓ ପୋଷାକ ଆଦି ଗୃହିତ ହେଉଥିବା ବେଳେ ସେମାନେ ଏଥିରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ସେହିପରି ବିଦ୍ୟାଳୟର ସମ୍ମୁଖ ଭାଗକୁ ଛାଡ଼ି ଅନ୍ୟ ଭାଗରେ ସ୍ଥାୟୀ ପାଚେରୀ ମଧ ନିର୍ମାଣ ହୋଇପାରିନାହିଁ। ଏହିପରି ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ବାରମ୍ବାର କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରୁନଥିବା ଜଣାପଡ଼ିଛି।

## ଆଁ କରିଥିବା ରାସ୍ତାକୁ ପୂର୍ତ୍ତ ବିଭାଗ ମରାମତି କଲା



**ବାରିକପୁର, ୧୧।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ପାଳଦାବାଙ୍କ ଠାରୁ ଯାଜପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଫାଟି ଆଁ କରିବା ଖବର ପ୍ରସାରଣ ପରେ ବିଭାଗ ଏହାର ମରାମତି କାର୍ଯ୍ୟ କରିଛି। ରାସ୍ତାର ଦୈର୍ଘ୍ୟ ୧୩ କିମି ହୋଇଥିବା ବେଳେ ନିର୍ମାଣ ଦୀର୍ଘ ଦିନ ହେବ ଯାତାୟାତ ପଥଟି ଜରାଜୀର୍ଣ୍ଣ ହୋଇଥିଲା। ରାତି ପାହିଲେ ଏହି ରାସ୍ତା ଦେଇ କୋରିଗାଁ, ସରସଦା, ରହଣିଆ, ମାଳଦା, ନପଙ୍ଗ, ଷୋଳମପୁର ପଞ୍ଚାୟତର ଜନସାଧାରଣ ଦୈନନ୍ଦିନ ଭଣ୍ଡାରିପୋଖରୀ ଆସିଥାନ୍ତି। ଏହାଛଡା ପଡୋଶୀ ଯାଜପୁର ସମେତ କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଜନସାଧାରଣ ଛୋଟ ମୋଟ ଯାନବାହାନ ରେ ଏହି ବାଟ ଦେଇ ଭଦ୍ରକ ଏବଂ ବାଲେଶ୍ୱର ଯାଇଥାନ୍ତି। ଖରାପ ରାସ୍ତା ଯୋଗୁଁ ବିଗତ ବର୍ଷ ମାନଙ୍କରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟିଛି। ବିଶେଷ କରି ସରସଦା ବରଦାବଜାର ଠାରୁ ପାଳଦାବାଙ୍କ ଯାଏଁ ନିର୍ମାଣାଧୀନ ପିଚ ରାସ୍ତା ମଝିରୁ ଫାଟି ଦୁଇ ଫାଳ ହୋଇଥିବା ଖବର ସକାଳ ଖବରକାଗଜ ସହିତ ଅନ୍ୟାନ୍ୟ ଖବର କାଗଜ ଏବଂ ୱେବ ଚେନାଲରେ ପ୍ରସାରଣ ହୋଇଥିଲା। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ଆଜି ଏକଗୋଲା ନିକଟରେ ରାସ୍ତା ମରାମତି ହୋଇଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## ସପ୍ତଦିବସୀୟ ବିଦ୍ୟାର୍ଥୀ ଶିବିର



**ବାରିକପୁର, ୧୧।୫(ସମିସ):** ସନ୍ତଶ୍ରୀ ଆଶାରାମଜୀ ବାପୁ ଅନୁପ୍ରାଣିତ ଶ୍ରୀ ଯୋଗବେଦାନ୍ତ ସେବା ସମିତି ପକ୍ଷରୁ ସପ୍ତ ଦିବସ ବ୍ୟାପୀ ବିଦ୍ୟାର୍ଥୀ ଶିବିର ଅନୁଷ୍ଠିତ ହୋଇଛି। ଗ୍ରୀଷ୍ମ ଅବକାଶ ଅବସରରେ ଧଉଳି ପାଦଦେଶରେ ଅବସ୍ଥିତ ମୁଖ୍ୟ ଆଶ୍ରମ ଠାରେ ଉତ୍ସବ ଆୟୋଜନ ହୋଇଛି। ଏଥିରେ ଭଦ୍ରକ ଶ୍ରୀ ଯୋଗ ବେଦାନ୍ତ ସମିତି ପକ୍ଷରୁ ସଭାପତି ଦୈତାରୀ ପଣ୍ଡାଙ୍କ ନେତୃତ୍ୱରେ ଅନେକ ସାଧକ ଭାଇ ଭଉଣୀ ଓ ବିଦ୍ୟାର୍ଥୀ ମାନେ ଯୋଗଦେଇଛନ୍ତି। ଶିବିରରେ ପ୍ରତ୍ୟହ ପ୍ରାତଃ ଯୋଗ, ସୂର୍ଯ୍ୟ ନମସ୍କାର, ତୁଳସୀ ପରିକ୍ରମା ଅନୁଷ୍ଠିତ ହୋଇଛି। ଏହାସହିତ ଆଶା ରାମାୟଣ ପାଠ ଓ ସତସଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଶହ ଶହ ବିଦ୍ୟାର୍ଥୀ ଏଥିରେ ଯୋଗଦେଇଥିବା ବେଳେ ଭଦ୍ରକ ସମିତିରୁ ଜିତେନ୍ଦ୍ର ନାୟକ, ଅମ୍ରିଶ ମହାନ୍ତି, ଅଶୋକ ମିଶ୍ର, ପବନ କୁମାର ନାୟକ, ଚନ୍ଦନ ଦାସ, ଶୁଶାନ୍ତ ନାୟକ, ଦୁର୍ଯ୍ୟୋଧନ ଲେଙ୍କା, ମନୋରଞ୍ଜନ ମହାନ୍ତି, ଆକାଶ ବେହେରା, ମନୋରଞ୍ଜନ ସେଠୀ, ବେଣୁଧର ମହାପାତ୍ର ପ୍ରମୁଖ ଯୋଗଦେଇଛନ୍ତି।

### ଗୁଜିଦରଡ଼ା ପଞ୍ଚାୟତରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ

# ବିଜେଡି ସବୁ ବର୍ଗଙ୍କ ବିକାଶ କରିଛି





ଭଦ୍ରକ, ୧୧।୫(ସମିସ)

ବିଜେଡି ସରକାର ଅମଳରେ ମାତୃ ଗର୍ଭରେ ଥିବା ଶିଶୁମାନଙ୍କ ଠାରୁ ଆରମ୍ଭ ମୃତ୍ୟୁବରଣ କରିବା ଯାଏଁ, ପୁଣି ରୋଗୀ, ମହିଳା, ଯୁବକ, ବରିଷ୍ଠ ନାଗରିକ ସର୍ବୋପରି ମୃତ୍ୟୁ ଯାଏଁ ବହୁବିଧ ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରି ଲୋକଙ୍କ ବିକାଶ ଚାଲିଛି। ଏହାଛଡ଼ା ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ଯାଏଁ ଜନକଲ୍ୟାଣମୂଳକ କାର୍ଯ୍ୟ ଜାରି ରହିଛି। ବିଜେଡି ସରକାର ଅମଳରେ କେବଳ ୭୨ଲକ୍ଷ ମହିଳା ଗୋଷ୍ଠୀର ମା'ମାନେ ଏବେ ମିଶନ ଶକ୍ତିରେ ଯୋଡି ହୋଇ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବୀ ହୋଇପାରିଛନ୍ତି। ତେଣୁ ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଓ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶଧାରାକୁ ଜାରି ରଖିବାକୁ ଆସନ୍ତା ଜୁନ ୧ ତାରିଖ ସାଧାରଣ ନିର୍ବାଚନରେ ଶଙ୍ଖ ଚିହ୍ନରେ ମୋହର ଦେଇ ବିଜେଡି ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାକୁ ଭଦ୍ରକ ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଉପସ୍ଥିତ ହଜାର ହଜାର ମହିଳା, ଯୁବ ଓ ପୁରୁଷ ବିଜେଡି କର୍ମୀଙ୍କୁ ନିବେଦନ କରିଛନ୍ତି। ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଜିଦରଡ଼ା ପଞ୍ଚାୟତ ଅଧୀନ ଜୁବୁଲିପୋଖରୀ ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ବିଜେଡିର ବିଶାଳ କର୍ମୀ ସମ୍ମିଳନୀରେ ଯୋଗଦେଇ ବିଜେଡି ପ୍ରାର୍ଥୀ ଶ୍ରୀ ସାମଲ ଏହି ବକ୍ତବ୍ୟ ରଖିଛନ୍ତି। ଗୁଜିରଦଡା ସରପଞ୍ଚ ତଥା ବ୍ଲକ ଯୁବ ବିଜେଡି ସଭାପତି ଇଂ.ଏମ୍‌ଡି ଫରହତ ଆଲାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍ସୀ ଦଲାୱଜି ହବିବି, ଯୁବନେତା ଜାହିଦ ହବିବ, ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ସ୍ଥାନୀୟ ସମିତିସଭ୍ୟା ଅଞ୍ଜଳି ମୁଦୁଲି, ବରିଷ୍ଠନେତା ପ୍ରଭାତ ଜେନା, ସନ୍ତୋଷ ନାୟକ, ଅଜୟ ଜେନା, ନାଏବ ସରପଞ୍ଚ ସରଦବି ବିବି ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଆସନ୍ତା ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ।

# ହାଡଭଙ୍ଗା ରୋଗୀଙ୍କୁ ମନା ଭଦ୍ରକ ଡାକ୍ତରଖାନା

ଭଦ୍ରକ, ୧୧।୫(ସମିସ):

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଡାକ୍ତର ସଂଖ୍ୟା କିଛି କମ୍ ନୁହେଁ। ରାଜ୍ୟ ସରକାର ସରକାରୀ ଡାକ୍ତରଖାନାରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା, ପରୀକ୍ଷା, ନୀରିକ୍ଷା ସହ ମାଗଣା ସିଟି ସ୍କାନ ଓ ଏକ୍ସରେ ଆଦି ଅନେକ ସୁବିଧା ଉପଲବ୍ଧ କରାଇଛନ୍ତି। ଏଥିସହ ମୂଲ୍ୟବାନ ମେଡିକାଲ ଯନ୍ତ୍ରାଂଶ ବି ସରକାର ଯୋଗାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅସ୍ଥିଶଲ୍ୟ ବା ଅର୍ଥୋପେଡ଼ିକ (ହାଡଭଙ୍ଗା)ରେ ବିଭାଗରେ ଏବେ ୫ଜଣ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଛନ୍ତି। ଆଉ ଗତ ୩ବର୍ଷ ହେବ ସରକାରଙ୍କ ପକ୍ଷରୁ ଡାକ୍ତରଖାନାକୁ ମିଳିଛି ଏକ ମୂଲ୍ୟବାନ ସି-ଆରଏମ୍ ମେସିନ। ହାଡଭଙ୍ଗା ବା ଅର୍ଥୋପେଡ଼ିକ୍ ସର୍ଜରୀ ଲାଗି ଏହି ମେସିନ୍‌ଟିର ଆବଶ୍ୟକତାକୁ ଲକ୍ଷ୍ୟ କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଏସ୍ଏମସିଏଲ୍ ପକ୍ଷରୁ ଏହି ସି-ଆରଏମ୍ ମେସିନ ଜିଲ୍ଲା ହସ୍ପିଟାଲକୁ ଯୋଗାଇ ଦିଆଯାଇଥିଲା। ତେବେ ଏହି ମେସିନ୍‌ରେ ମାତ୍ର ଆଙ୍ଗୁଳି ଗଣତି ଅପରେସନ୍ କରାଯାଉଛି।

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଭାଗରେ ଏବେ ୫ଜଣ ବିଶେଷଜ୍ଞ ଡାକ୍ତର ଡା.ଉମାକାନ୍ତ ଜେନା, ଡା.ବିଶ୍ୱଜିତ ରାୟ, ଡା.ଏମ୍. ମନୋଜ, ଡା.ଏସ୍. ଅଲ୍ଲି ଓ ଡା.ଜିପି ନନ୍ଦୀ କାର୍ଯ୍ୟ କରୁଛନ୍ତି। ତେବେ ହାଡଭଙ୍ଗା ରୋଗୀଙ୍କ ଅପରେସନ୍ ତାଲିକା ଦେଖିଲେ ଏହି ବିଭାଗରେ କାର୍ଯ୍ୟଦକ୍ଷତା ଆପେ ସ୍ପଷ୍ଟ ହୋଇଯାଉଛି। ପ୍ରକାଶ ଥାଉକି, ସରକାର ସବୁ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ସବୁ



- ୫ ବିଶେଷଜ୍ଞ ଓ ସିଆର୍ଏମ୍ ମେସିନ ଥିବା ସତ୍ତ୍ୱେ ଅପରେସନ ନଗଣ୍ୟ
- ଦଲାଲଙ୍କ ଯୋଗୁଁ ନର୍ସିଂହୋମ ଯିବାକୁ ବାଧ ହେଉଛନ୍ତି ରୋଗୀ

ପ୍ରକାର ଚିକିତ୍ସା ଦେବାର ବ୍ୟବସ୍ଥା କରିଛନ୍ତି। ମାଗଣା ଚିକିତ୍ସା ସାଙ୍ଗକୁ ମାଗଣା ଔଷଧ, ପରୀକ୍ଷା ନୀରିକ୍ଷା ସହ ଅସ୍ତ୍ରୋପଚାର ଆଦିର ବି ସୁବନ୍ଦୋବସ୍ତ କରିଛନ୍ତି। ଜଣେ ରୋଗୀ ଯେମିତି ଚିକିତ୍ସା ସେବାରୁ ବଞ୍ଚିତ ନହେବ ଏହା ହିଁ ମୁଖ୍ୟ ଉଦ୍ଦେଶ୍ୟ। ତେବେ ଆଶ୍ଚର୍ଯ୍ୟର କଥା ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଦୀର୍ଘ ବର୍ଷ ହେବ ଅସ୍ଥିଶଲ୍ୟ (ହାଡଭଙ୍ଗା ଅସ୍ତ୍ରୋପଚାର) ବିଭାଗରେ ରୋଗୀଙ୍କୁ ଅପରେସନ ସୁବିଧା ଉପଲବ୍ଧ ହେଉନାହିଁ। ୫ଜଣ ବିଶେଷଜ୍ଞ ଡାକ୍ତର ଥିଲେ ବି ବିଭିନ୍ନ ଆଳରେ ହାଡ ଭଙ୍ଗା ଅପରେସନକୁ ଏକ ପ୍ରକାର ବନ୍ଦ କରାଯାଇଛି। ଫଳରେ ଶହ ଶହ ଅସ୍ଥିଶଲ୍ୟ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଏଠାକାର ଘରୋଇ ନର୍ସିଂହୋମକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟପକ୍ଷରେ ସରକାରୀ ଡାକ୍ତରଖାନାରେ ଗୁରୁତର ହାଡଭଙ୍ଗା ରେଗୀମାନଙ୍କ ଅପରେସନ କରାନଯାଇ, ନିୟମିତ ଦଲାଲମାନଙ୍କ ଜରିଆରେ ଏଠାକାର ନର୍ସିଂହୋମକୁ ରୋଗୀଙ୍କୁ ନେବାକୁ ପ୍ରବର୍ତ୍ତାଇବା ଓ ଭୟଭୀତ କରାଯାଉଥିବା ବାରମ୍ବାର ଅଭିଯୋଗ ହେଉଛି। ହାଡଭଙ୍ଗା ରୋଗୀ ଯନ୍ତ୍ରଣାରୁ ଉପଶମ ପାଇଁ ବ୍ୟାକୁଳ ହୋଇଥିବା ବେଳେ ଦଲାଲମାନେ 'ସରକାରୀ ଡାକ୍ତରଖାନାରେ ଅପରେସନ କଲେ ରୋଗୀ ସୁସ୍ଥ ହେବନାହିଁ' ଆଦି ଅନେକ କଥା କହି ଭୟଭୀତ କରାଇ ରୋଗୀଙ୍କୁ ନର୍ସିଂହୋମରେ ଅସ୍ତ୍ରୋପଚାର କରିବାକୁ ବାଧ କରାଯାଉଥିବାର ଅଭିଯୋଗ ହେଉଛି। ଏହି ଅସ୍ତ୍ରୋପଚାର ପାଇଁ ରୋଗୀମାନଙ୍କୁ ଅଯଥାରେ ବହୁତ ଖର୍ଚ୍ଚାନ୍ତ ହେବାକୁ ବି ପଡୁଛି।

ସୂଚନାନୁଯାୟୀ, ଗତ ୪ମାସରେ ମାତ୍ର ୩୭ଟି ହାଡଭଙ୍ଗା ଅପରେସନରେ ସରକାରୀ ଡାକ୍ତରଖାନାରେ କରାଯାଇଥିବା ବେଳେ ମାସିକ ୧୦ରୁ ୧୫ଟି ହେଉଥିବା ସୂଚନା ମିଳିଛି। ବିଡମ୍ବନାର କଥା ଏଠାକାର ଘରୋଇ ନର୍ସିଂହୋମ ଗୁଡିକରେ ଏହି ସରକାରୀ ଡାକ୍ତରବାବୁ ମାନେ ଦିନକୁ ୧୦ରୁ ୧୫ ହାଡଭଙ୍ଗା ଅପରେସନ କରୁଥିବା ଜଣାଯାଇଛି। ଏହା ବ୍ୟତୀତ, ଜିଲ୍ଲା ଡାକ୍ତରଖାନାରେ ୫ଜଣ ହାଡଭଙ୍ଗା ବିଶେଷଜ୍ଞ ଡାକ୍ତର ଥିବା ବେଳେ ସକାଳ ୮ଟାରୁ ଦିନ ୧୨ଟାରେ ଡାକ୍ତରଖାନାରେ ସେମାନଙ୍କ ପାଦ ଦୀର୍ଘବର୍ଷ ହେବ ସଠିକ ଭାବେ ପଡୁନଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିଏମ୍ଓ ତଥା ସୁପରିଟେଣ୍ଡାଣ୍ଟ, ୨ଜଣ ହସ୍ପିଟାଲ ମ୍ୟାନେଜର ଥିବା ସତ୍ତ୍ୱେ ଏହାର ସୁଧାର କରାଯାଉନାହିଁ। ତେଣୁ ଭଦ୍ରକ ଡାକ୍ତରଖାନାଟି ସତେ ଯେମିତି ହାଡଭଙ୍ଗା ରୋଗୀଙ୍କ ଲାଗି ମନା ବୋଲି ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ରଙ୍କୁ ପଚାରିବାରୁ ସେ ଡାକ୍ତରଖାନାରୁ ଦଲାଲମୁକ୍ତ କରିବାକୁ ମୁଁ ଚେଷ୍ଟା କରୁଛି ଓ ଆଗକୁ ଅଧିକ ସଂଖ୍ୟାରେ ଅପରେସନ କରାଯିବ ବୋଲି କହିଛନ୍ତି।

- ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୩.୮୨ କୋଟି ଟଙ୍କାର ୨୦୮୪ଟି ମକଦ୍ଦମାର ସମାଧାନ



ଭଦ୍ରକ, ୧୧।୫(ସମିସ): ଦ୍ୱିତୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ର ସଚିବ ନେହା ଅଗରୱାଲ ଏହି ଲୋକ ଅଦାଲତ କୁ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ମୋଟ ୩୮୨୨୫୯୭୩ ଟଙ୍କାରେ ୨୦୮୪ ଟି ମୋକଦ୍ଦମମା ର ଆପୋଷ ସମାଧାନ ହୋଇଥିଲା। ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ ର ବିଚରାଧୀନ ଥିବା ୩୩ ଟି ମାମଲାର ୨୪୭୧୫୦୦୦ ଟଙ୍କାରେ, ୧୩ ଟି ମିଳା ମିଶା ଯୋଗ୍ୟ ଫୌଜଦାରି, ୨୯ ଟି ଚେକ ବାଉନ୍ସ୍ ପୁନଃରୁଦ୍ଧାର ମାମଲା ୩୬୮୨୬୭୨ ଟଙ୍କାରେ, ୧୯ ଟି ବୈବାହିକ ବିବାଦ, ୧୭୧୧ ଟି ରାଜସ୍ୱ ମୋକଦ୍ଦମା, ୨୨୧୪୯୮ ଟଙ୍କାରେ, ୪୪ ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୧୬ଟି ବ୍ୟାଙ୍କ ଋଣ ମାମଲା ୨୬୨୯୯୦୦ ଟଙ୍କାରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ ର ଟେଲିଫୋନେ ବିଲ ସମ୍ବନ୍ଧୟ ୪ଟି ମାମଲା ୯୮୦୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରା ଯାଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

ଭଦ୍ରକ, ୧୧।୫(ସମିସ):ଭଦ୍ରକ ଗୁଜିଦରଡା ଫାଣ୍ଡି ଅଧୀନ ବିଷ୍ଣୁପୁରବିନ୍ଧା ପଞ୍ଚାୟତ ଗଞ୍ଜାମାଳ ପୋଡପଡ଼ା ଶାସନ ଗାଁ ରାସ୍ତା ପାଖ କଲଭର୍ଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ସ୍ଥାନୀୟ ପୋଡପୋଡା ଅଞ୍ଚଳର ବଂଶୀଧର ମିଶ୍ରଙ୍କ ପୁଅ ଟୁଟୁଲି ମିଶ୍ର(୪୦)ବୋଲି ଜଣାଯାଇଛି। ଗତକାଲି ଏକ ଅଷ୍ଟପ୍ରହରୀକୁ ଯାଇ ମୃତ ଯୁବକ ଜଣଙ୍କ ଘରକୁ ଫେରିନଥିଲେ। ଆଜି ସକାଳେ ଉକ୍ତ କଲଭର୍ଟ ନିକଟ ନିଛାଟିଆ ସ୍ଥାନରେ ତାଙ୍କ ମୃତ ଦେହ ପଡ଼ିଥିବା ଦେଖି ଲୋକେ ପୋଲିସକୁ ଖବର କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ତାକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି। ତେବେ ଉକ୍ତ ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହୋଇନି।

## ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଦାବି

ମଞ୍ଜୁରୀରୋଡ, ୧୧।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତ ପାଇମହୁରା ଠାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ସକାଶେ ଦାବି ହୋଇଛି। ଏଠାରେ ଗୃହ ନିର୍ମାଣ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପ୍ରାୟ ଅଢେଇ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ବ୍ୟୟ ବରାଦ ଓ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ଫଳକ ମଧ ଲେଖା ସରିଛି। ତେଣୁ ଗୃହ ନିର୍ମାଣ ହୋଇନଥିବାରୁ ଗ୍ରାମବାସୀ ସନ୍ଦେହ ପ୍ରକାଶ କରି ପ୍ରଶାସନ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତେଣୁ ଏ ସମ୍ପର୍କରେ ସତ୍ୟାସତ୍ୟ ଜାଣିବା ପାଇଁ ପ୍ରଶାସନିକ ସ୍ତରରେ ମତାମତ ଲୋଡ଼ା ଯାଇଥିଲା। ଗ୍ରାମରେ ଯୋଜନା ଅନୁଯାୟୀ ଅଢେଇ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି। ଏହାସତ୍ତ୍ୱେ ନିର୍ବାଚନ ଆଚରଣ ବିଧି ରହିଥିବାରୁ କାମ କରିବା ସମ୍ଭବ ହେଉନାହିଁ। ତେଣୁ ନିର୍ବାଚନ ସରିବା ପରେ ଯଥାଶୀଘ୍ର କାମ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।

## ପାଣି ପାଇଁ ହନ୍ତସନ୍ତ ନିମପଲ୍ଲୀବାସୀ



ବନ୍ତ / ଆଗରପଡ଼ା, ୧୧।୫(ସମିସ): ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ୧୧ନଂ ୱାର୍ଡ଼ ଅନ୍ତର୍ଗତ ନିମପଲ୍ଲୀବାସୀ ବିଶୁଦ୍ଧ ପାଣି ଟୋପେ ପାଇବା ପାଇଁ ଡହକବିକଳ ହେଉଥିବା ଜଣାପଡ଼ିଛି। ଉକ୍ତ ଗ୍ରାମରେ ୨ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ପଧାନପଡ଼ା ପଞ୍ଚାୟତରେ ନିର୍ମିତ ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇନଥିବାରୁ ଉକ୍ତ ଟାଙ୍କି ଉପରେ ନିର୍ଭର କରୁଥିବା ଗ୍ରାମବାସୀଙ୍କୁ ପାନୀୟ ଜଳ ମିଳିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ନିମପଲ୍ଲୀବାସୀଙ୍କ ପାଇଁ ନଳକୂପ ବସିଛି ସତ କିନ୍ତୁ ଉକ୍ତ କୂପରୁ ବିଶୁଦ୍ଧ ପାନୀୟ ଜଳ ବାହାରିବା ପରିବର୍ତ୍ତେ ଆଇରନ ଯୁକ୍ତ ହଳଦିଆ ପାଣି ବାହାରୁଥିବାରୁ ଏହା ପିଇବା ଉପଯୋଗୀ ହୋଇପାରୁ ନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାଇ ଉକ୍ତ ନଳକୂପର ପାଣିକୁ କିଛି ସମୟ ରଖିଦେଲେ ପାଣିର ରଙ୍ଗର ପରୀବର୍ତ୍ତନ ହେଉଛି। ଅପରପକ୍ଷରେ ଏହିପରି ପରିସ୍ଥିତିରେ ଗ୍ରାମରେ ଥିବା ଅନ୍ୟ ଏକ ସରକାରୀ ନଳକୂପ ସାହୀବାସୀଙ୍କ ପାନୀୟ ଜଳର ସହାରା ପାଲଟିଛି। ଉକ୍ତ ପଞ୍ଚାୟତରେ ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ କୋଟି କୋଟି ଟଙ୍କାରେ ନିର୍ମିତ ଆକାଶ ଚୁମ୍ବି ପାଣି ଟାଙ୍କିରୁ ମଧ ପାଣି ମିଳିପାରୁ ନାହିଁ ଫଳରେ ନିମପଲ୍ଲୀବାସୀ ପାଣି ଟୋପାଏ ପାଇଁ ସଂଘର୍ଷ କରୁଛନ୍ତି। ବିଭାଗ ଏବଂ ପଞ୍ଚାୟତ ପକ୍ଷରୁ ଅଚଳ ନଳକୂପକୁ ସଚଳ କରିବା ପାଇଁ କର୍ମଚାରୀ ନିଯୁକ୍ତି ପାଇଥିଲେ ସୁଦ୍ଧା ନିମପଲ୍ଲୀବାସୀଙ୍କ ସମସ୍ୟା ପ୍ରତି କେହିବି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ନିମପଲ୍ଲୀବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳି ନପାରିବା ପ୍ରଶାସନିକ ଅଧିକାରୀ ଓ ଜନନେତାଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ଅସୁରାଳି, ୧୧।୫(ସମିସ): ଧାମନଗର ବ୍ଲକ ଶାଆଁଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ଚିତ୍ରଭାନୁ ଦାସ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ଅନୁ ଶିକ୍ଷାଧିକାରୀ ଭୀମସେନ ହୋ, ସତ୍ୟସୁନ୍ଦର ପରିଡ଼ା, ବିଜୟଲକ୍ଷ୍ମୀ ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ବିଇଓ ଗଦାଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ଦେଇ। ଉକ୍ତ ବୈଠକରେ ସମସ୍ତ ଶିକ୍ଷକ ତଥା ଚୈତନ୍ୟ ବିଶ୍ୱାଳ, ରମେଶ ଧଳ, ରାଉଣ୍ଡି ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷକଙ୍କ ତ୍ୟାଗପୂତ ଜୀବନୀ ଓ ଛାତ୍ରବତ୍ସଳ ଗୁଣର ସ୍ମୃତିଚାରଣ କରିଥିଲେ। ନିଶିକାନ୍ତ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଭଦ୍ରକ, ୧୧।୫(ସମିସ): ଗତ ୨୦୧୨ ମସିହା ମେ' ୨୯ ତାରିଖ ସକାଳ ୯.୩୦ମିରେ ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅନ୍ତର୍ଗତ ଆଟୋ ଗାଁର ବିକାଶ ବିଶ୍ୱାଳଙ୍କୁ ଉକ୍ତ ଗ୍ରାମର ଧନେଶ୍ୱର ନାୟକ ଟ୍ରାକ୍ଟର ଚଢ଼ାଇ ଜୀବନରୁ ମାରିଦେଇଥିଲେ ବୋଲି ପରିବାର ପକ୍ଷରୁ ସାବରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୂଳେ ସାବରଙ୍ଗ ଥାନା ପୁଲିସ ଏକ ମାମଲା (କେଶ ନଂ୧୮୬/୧୨)ରେ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତଙ୍କ ଠାରେ ୩୦୪ଦଫାରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲେ। ଉକ୍ତ ମାମଲା ଅତିରିକ୍ତ ଜିଲ୍ଲା ଜଜ୍ ଭଦ୍ରକଙ୍କ ଠାରେ ବିଚାରଧୀନ ଥିଲା। ଶୁକ୍ରବାର ଅତିରିକ୍ତ ଜିଲ୍ଲା ଜଜ ଆଶିଷ କୁମାର ତ୍ରିପାଠୀ ଉକ୍ତ ମାମଲାର ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ଅନନ୍ତ ନାରାୟଣ ପଣ୍ଡା ଓ ତାଙ୍କର ସହଯୋଗୀ ଅପୂର୍ବ ରଞ୍ଜନ ବେହେରା, ନୀଳମାଧବ ସେନାପତି ମାମଲା ପରିଚାଳନା କରୁଥିଲେ।

## ମଙ୍ଗଳା ପୀଠରେ ବାର୍ଷିକ ଉତ୍ସବ ପାଳିତ



ବାସୁଦେବପୁର, ୧୧।୫(ସମିସ): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଡୁଁ ପଞ୍ଚାୟତର ରାଉତସାହିର ଗ୍ରାମ ଦେବୀ ମା' ମଙ୍ଗଳାଙ୍କ ପୀଠରେ ତ୍ରିଦିବସୀୟ ବାର୍ଷିକ ଉତ୍ସବ ପାଳିତ ହେଉଛି। ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଥିବା ଅଧିବାସ ଆଜି ଦ୍ୱିତୀୟ ଦିବସରେ କଳସ ଶୋଭାଯାତ୍ରା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସୂର୍ଯ୍ୟ ପୂଜା ଠାରୁ ଆରମ୍ଭ କରି, ଭୂଦେବୀ ପୂଜା, ମାତୃପିତୃ ପୂଜା ସହ ସମସ୍ତ ପୂଜା ରୀତିନୀତି ଅନୁସାରେ ହୋମଯଜ୍ଞ ଚାଲୁରହିଛି। ପ୍ରତ୍ୟେକ ଦିନ ସଂଧ୍ୟାରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହେଉଛି। ସମାଜ ସେବୀ ସୀତାକାନ୍ତ ରାଉତଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ କାରାଯାଉଛି। ଆଦ୍ୟଶକ୍ତି ଜଗତ୍ ଜନନୀ ଯୋଗମାୟା ପରମବୈଷ୍ଣବୀ ମା' କଟିମଙ୍ଗଳାଙ୍କ ପୀଠରେ ଚଣ୍ଡୀ ପାଠ ଓ ବିଶ୍ୱଶାନ୍ତି ମହାଯଜ୍ଞ ଦେଖିବା ପାଇଁ ଭକ୍ତଙ୍କ ବହୁ ସମାବେଶ ହେଉଛ। ମୁଖ୍ୟ ପୁରୋହିତ ବିଜୟ କିସାନ ସନ୍ଧିବିଗ୍ରହଙ୍କ ନେତୃତ୍ୱରେ ଚାରିଜଣ ପଣ୍ଡିତଙ୍କ ଦ୍ୱାରା ପୂଜା ପାଠ ହୋମ ଯଜ୍ଞ ଅନୁଷ୍ଠିତ ହୋଇ ରବିବାର ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ମନ୍ଦିର କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ମୃତ ଯୁବନେତାଙ୍କ ପରିବାରବର୍ଗଙ୍କୁ ସମବେଦନା



ଧାମନଗର, ୧୧।୫(ସମିସ): ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ଗ୍ରାମର ଜଣାଶୁଣା ଯୁବନେତା ତଥା ପ୍ରାକ୍ତନ ଛାତ୍ର ସଂସଦ ନେତା ଚନ୍ଦ୍ରମଣି ନାୟକ (୫୩) ଙ୍କ ଅକାଳ ବିୟୋଗ ଘଟିଛି। ଶୁକ୍ରବାର ରାତି ଆଠଟା ପନ୍ଦର ମିନିଟ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ନାୟକ ଦୁଇ ସପ୍ତାହ ତଳେ ବାଥରୁମରେ ପଡ଼ିଯାଇଥିବା ବେଳେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଥିବାବେଳେ ତାଙ୍କର ଦେହାନ୍ତ ହୋଇଛି। ସ୍ୱର୍ଗତ ନାୟକଙ୍କ ମରଶରୀରକୁ ତାଙ୍କ ଘରକୁ ଅଣାଯାଇ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିଲା। ମୃତ୍ୟୁ ଖବରପାଇ ଧାମନଗର ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ, ବିଜେଡି ନେତା ସେକ ଜାଫର ଅଲ୍ଲୀ, ବିଜୟ କୁମାର ବେହେରା, ଜ୍ୟୋତିପ୍ରକାଶ ସାମଲ, ବିଜେପି ନେତା କୈଳାସ ଚନ୍ଦ୍ର ମହାପାତ୍ର, କୈଳାସ ଚନ୍ଦ୍ର ଗୁପ୍ତା, ଅନନ୍ତ ଜେନା, ପ୍ରହଲ୍ଲାଦ ମହାପାତ୍ର, ନାରାୟଣ ଚନ୍ଦ୍ର ମହାପାତ୍ର, ସେକ ଅନୱର, ରମେଶ ଚନ୍ଦ୍ର ଯେନା, ଅଭିମନ୍ୟୁ ସେଠୀଙ୍କ ସମେତ ବହୁ ବିଭିନ୍ନ ଦଳର କର୍ମକର୍ତ୍ତା, ବନ୍ଧୁ ଓ ଶୁଭେଚ୍ଛୁ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବାସହ ପରିବାର ବର୍ଗକୁ ସମବେଦନା ଜଣାଇବା ସହିତ ସ୍ୱର୍ଗତ ଚନ୍ଦ୍ରମଣି ନାୟକ ଅମର ଆତ୍ମାର ସଦଗତି କାମନା କରିଥିବା ବେଳେ ଭଦ୍ରକ ଲୋକସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏହି ଦୁଖଦ ଖବର ପାଇ ଗଭୀର ଦୁଃଖ ପ୍ରକାଶ କରି ମୃତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସଙ୍ଗୀତାଚାର୍ଯ୍ୟ ଅଷ୍ଟମ ବାର୍ଷିକ ସ୍ମୃତିସଭା



ଧାମନଗର, ୧୧।୫(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧୀନ ପଳିକିରୀ ଗ୍ରାମର ସଙ୍ଗୀତାଚାର୍ଯ୍ୟ କରୁଣାକର ଦାଶ ଅନନ୍ୟ ପ୍ରତିଭା ଥିଲେ। ଜୀବନର ଅର୍ଦ୍ଧ ଶତକ ବର୍ଷ ସେ ବିଭିନ୍ନ ଯାତ୍ରା ଦଳରେ ଅଭିନୟ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, କେଶବ କବି କୃଷ୍ଣ ପ୍ରସାଦ ବେହେରାଙ୍କ ସହିତ ନାଟ୍ୟ ସଙ୍ଗୀତ ନିର୍ଦ୍ଦେଶନା ଓ ବିଭିନ୍ନ ଯାତ୍ରା ପାର୍ଟିରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ନାଟକରେ ଅଭିନୟ ସହ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସଙ୍ଗୀତାଚାର୍ଯ୍ୟ ସ୍ୱର୍ଗତ ଦାଶ। ଗତ ୨୦୧୬ ମସିହା ବୈଶାଖ ମାସ ପବିତ୍ର ଅକ୍ଷୟ ତୃତୀୟା ପୂର୍ବାହ୍ନରେ ଏହି ମହାନ ପ୍ରତିଭାଙ୍କର ମହାପ୍ରୟାଣ ହୋଇଥିଲା। ସେହି ବର୍ଷ ଠାରୁ ପ୍ରତ୍ୟେକ ବର୍ଷ ଏହି ପବିତ୍ର ପୁଣ୍ୟ ତିଥିରେ ସଙ୍ଗୀତାଚାର୍ଯ୍ୟ ସ୍ୱର୍ଗତ ଦାଶଙ୍କ ବାସଭବନରେ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ସ୍ମୃତି ଚାରଣ ସଭା ଓ ନିଶି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପଡୋଶୀ ଜିଲ୍ଲା ଯାଜପୁର ବ୍ଲକ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମନୋଜ ଜେନା, ଶିକ୍ଷାବିତ୍ ସିଦ୍ଧେଶ୍ୱର ସାମଲ, ସାମ୍ବାଦିକ ଅପୂର୍ବ ରଞ୍ଜନ ବେହେରା, ଧାମନଗର ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ରଜତ ପଣ୍ଡା, ସାମ୍ବାଦିକ ସେକ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ପ୍ରଶାନ୍ତ ଦ୍ୱିବେଦୀ, ସନ୍ତୋଷ ମହାପାତ୍ର ଯୋଗ ଦେଇଥିବା ବେଳେ ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତିର ସଭାପତି ଅଭିମୁଖ୍ୟ ସ୍ୱାଇଁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ସ୍ଥାନୀୟ ସମିତି ସଭ୍ୟ ସୁଦୀପ୍ତ ଖୁଣ୍ଟିଆ, ବିଜେଡି ନେତା ଗୌରାଙ୍ଗ ଦାସ, ସୁଦର୍ଶନ ମାଝୀ ଚକ୍ରଧର ରାଉତ, ପୋଷ୍ଟମାଷ୍ଟର ଗଙ୍ଗାଧର ସାହୁ, ସମାଜସେବୀ କୁମାରେଶ ଖିଲାର, ବଜ୍ରସୁନ୍ଦର ଅଗସ୍ତିଙ୍କ ସମେତ ବହୁ କଳାକାର, ସାହିତ୍ୟିକ, ଶିକ୍ଷାବିତ ଓ ସାମ୍ବାଦିକ, ରାଜନୈତିକ ବ୍ୟକ୍ତି ଓ ବିଭିନ୍ନ ସଂଗଠକ ଯୋଗଦେଇ ସଙ୍ଗୀତାଚାର୍ଯ୍ୟଙ୍କ ନୀତି ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱର୍ଗତ ଦାଶଙ୍କ ଜ୍ୟେଷ୍ଠ ପୁତ୍ର ସାମ୍ବାଦିକ ସୁଧାକର ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଧ୍ୟମ ପୁତ୍ର ନିରାକାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କନିଷ୍ଠ ପୁତ୍ର ଦିବାକର ଦାଶ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ ପ୍ରଦାନ କରିଥିଲେ।

### ପିଲର ତଳୁ ଚୋରି ହେଉଛି ବାଲି

## ବିପଦରେ ବଲ୍ଲବୀଘାଟ ସେତୁ

ବାରିକପୁର, ୧୧।୫(ସମିସ):



ଭଣ୍ଡାରିପୋଖରୀ- ଯାଜପୁରକୁ ଗମନାଗମନ ପାଇଁ ସଂଯୋଗ କରୁଥିବା ବଲ୍ଲବୀଘାଟ ସେତୁ ଏବେ ବିପଦରେ। ପୋଲଟିର ଇତିହାସ ଦେଖିଲେ ଜଣାଯାଏ ଯେ ଏହା ଏକ ଭୟଙ୍କର ଦୁର୍ଘଟଣା ପରେ ନିର୍ମାଣ ହୋଇଥିଲା। ଗତ ୨୦୦୦ ମସିହାରେ ନଦୀର ଦଶ୍ୱାସନି ଘାଟରେ ଏକ ଡ଼ଙ୍ଗା ବୁଡି ହୋଇଥିବା ବେଳେ ଏଥିରେ ଅଞ୍ଚଳର ପ୍ରାୟ ୨୬ଜଣ ଲୋକ ପ୍ରାଣ ହରାଇଥିଲେ। ଘଟଣାଟି ରାଜ୍ୟ ତଥା ଦେଶରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଦୁର୍ଘଟଣା ଘଟିବାର ୨୪ଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ସେଠାରେ ପହଞ୍ଚି ଥିଲେ। ମୃତ୍ୟୁ କାଳୀନ ଅନୁକମ୍ପା ମୂଳକ ରାଶି ସହିତ ନଦୀରେ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ତତ୍କାଳ ଘୋଷଣା କରିଥିଲେ। ତେଣୁ ଏଠାରେ ଯେଉଁ ସେତୁଟି ନିର୍ମାଣ ହୋଇଥିଲା ତାହା ବଲ୍ଲବୀଘାଟ ପୋଲ ନାମରେ ନାମିତ ହୋଇଛି। ପରିତାପର ବିଷୟ ସେତୁଟି ଏବେ ବିପଦ ଆଡ଼କୁ ଗତି କରୁଛି। ଏହି ପୋଲ ଦେଇ ଦୈନିକ ଭଦ୍ରକ, ଯାଜପୁର, କଟକ, ଭଣ୍ଡାରିପୋଖରୀକୁ ଦୈନନ୍ଦିନ ଶହ ଶହ ଯାନବାହନ ଚଳାଚଳ ହୋଇଥାଏ। ମୋଟାମୋଟି ଭାବେ ଯାଜପୁର ଓ ଭଦ୍ରକ ଜିଲ୍ଲା ମଧ୍ୟରେ ଆନ୍ତଃ ଯାନ ଚଳାଚଳ ପାଇଁ ଏହା ଉଦ୍ଦିଷ୍ଟ ଅଟେ। ପୋଲର ଏକ ପାର୍ଶ୍ୱରେ ମାଟି ଖୋଳାଯାଇ ଇଟା ପଡୁଥିବା ବେଳେ ଅପରପାର୍ଶ୍ୱରେ ଅହରହ ବାଲି ଉତୋଳନ ହେଉଛି। ଏପରିକି ସେତୁର ଚାରି ଗୋଟି ପିଲର ମୂଳରୁ ମଧ ବାଲି ଖୋଳାଯାଇଥିବା ଦେଖାଯାଇଛି। ବିଶେଷ କରି ଗେଙ୍ଗୁଟି ନଦୀ ଅଂଶରେ ରହିଥିବା ପୋଲ ଏବେ ଦୁର୍ବଳ ହେବ ବୋଲି ଜଣାପଡ଼ିଛି। ସେତୁ ନିକଟରୁ ଅହରହ ଦିନ ଦ୍ୱିପହରରେ ବାଲି ଚାଲାଣ ହେଉଥିଲେ ସୁଦ୍ଧା ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସବୁ ଜାଣି ଚୁପ ରହୁଛନ୍ତି। ଏପରିକି ତହସିଲଦାର, ଜିଲ୍ଲା ଖଣି ଅଧିକାରୀ ଅନେକ ବାର ଉକ୍ତ ଅଞ୍ଚଳକୁ ଯାଇଥିଲେ ସୁଦ୍ଧା ବେଆଇନ ବାଲି ଉତୋଳନକୁ ରୋକିବା ପାଇଁ ସେଭଳି କୌଣସି ଆଖି ଦୃଶିଆ ପଦକ୍ଷେପ ନେଉନାହାନ୍ତି। ତେଣୁ ଦିନକୁ ଦିନ ସେତୁଟି ବିପଦ ଆଡକୁ ଯାଉଥିବା ବେଳେ ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମଙ୍ଗଳପୁର ଥାନା ଅଞ୍ଚଳରେ କଡ଼ାକଡ଼ି ଯାଞ୍ଚ



**କୟାଁଗୋଲା, ୧୧ା୫(ସମିସ):** ଆଗକୁ ନିର୍ବାଚନ ମାହୋଲକୁ ଲକ୍ଷ୍ୟ କରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ମଙ୍ଗଳପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଯାନବାହାନ କଡ଼ାକଡ଼ି ଯାଞ୍ଚ କରାଯାଇଛି। ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ନିର୍ଦ୍ଦେଶରେ ଦିନ ତମାମ ପ୍ଲାଇଂ ସ୍କ୍ୱାର୍ଡ ପକ୍ଷରୁ ବିରିପଟା ଓ ଅନ୍ୟାନ୍ୟ ରାସ୍ତାରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ କୌଣସି ଯାନବାହାନରୁ ଆପତ୍ତିଜନକ ଜିନିଷ ଉଦ୍ଧାର ହୋଇ ନ ଥିବା ଜଣାପଡ଼ିଛି।

## ଡିଭାଇଡରରେ ପିଟି ହୋଇ ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି, ୧୧ା୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ଛକ ନିକଟରେ ଜଣେ ବାଇକ୍ ଆରୋହୀ ଡିଭାଇଡ଼ରରେ ପିଟି ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି। ପାଣିକୋଇଲିର ଏକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ବ୍ରହ୍ମବରଦା ଅଞ୍ଚଳର ଭଗବାନ ଜେନାଙ୍କ ପୁଅ କେଦାର ବାଇକ୍‌ରେ ପାଣିକୋଇଲିରୁ ନିଜ ଗ୍ରାମକୁ ଫେରିବା ସମୟରେ ଆଖି ଲାଗି ଯିବାରୁ ରାସ୍ତା ଡିଭାଇଡ଼ରରେ ପିଟି ହୋଇ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ଥାନା ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ପିସିଆରରେ ଥିବା ପାଣିକୋଇଲି ଥାନାରେ କାର୍ଯ୍ୟରତ ପୁଲିସ କର୍ମଚାରୀ (ଓଏପିଏଫ) କେଦାରସନ ଡାଙ୍ଗିଲ ଆହତ ବ୍ୟକ୍ତିଙ୍କୁ ପାଣିକୋଇଲିର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ପରେ ପୁଲିସ ଉକ୍ତ ବାଇକ୍‌କୁ ଜବତ କରିଛି।

## ହାଇୱା ଧକ୍କାରେ ବାଇକ୍ ଚୂରମାର୍

**ପାଣିକୋଇଲି, ୧୧ା୫(ସମିସ):** ପାଣିକୋଇଲି ଓଭରବ୍ରିଜ ନିକଟରେ ଏକ ବୁଲେଟ୍ ଉପରେ ହାଇୱା ଚଢି ଯାଇଥିବାବେଳେ ସେଥିରେ ଥିବା ଦୁଇଜଣ ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଯାଜପୁର ବ୍ଲକ ଅନ୍ତର୍ଗତ ବେରୁଦା ଗ୍ରାମର ଧ୍ରୁବଚରଣ ମଲ୍ଲିକ ସହଯୋଗୀ ଷଠିପୁର ଅଞ୍ଚଳର ପ୍ରଦୀପ ସ୍ୱାଇଁ ଏକ ବୁଲେଟ ବାଇକ୍‌ରେ ଷଠିପୁରରୁ ଯାଜପୁରରୋଡ୍ ଯାଉଥିବାବେଳେ ପାଣିକୋଇଲି ବଜାର ବୁଲାଣୀଠାରେ ଏକ ହାଇୱା ଉକ୍ତ ବାଇକକୁ ଧକ୍କା ଦେବା ସହିତ ତା'ଉପରେ ଚଢ଼ିଯାଇଥିଲା। ସୌଭାଗ୍ୟବଶତଃ ବାଇକ୍ ଆରେହୀ ଦୁଇଜଣ ଉକ୍ତ ଧକ୍କାରେ ଛିଟିକି ପଡ଼ିବା ହେତୁ ଅଳ୍ପକେ ବଞ୍ଚିଯାଇଥିଲେ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ପାଣିକୋଇଲି ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ନିଜ ଟିମ ସହିତ ଗଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ। ପାଣିକୋଇଲି ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି।

## ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

**ସୁକିନ୍ଦା, ୧୧ା୫(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ କାଞ୍ଜିଆପାଳ ଗ୍ରାମର ହୃଷିକେଶ ମହାନ୍ତଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଶନିବାର ଦିନ ହୃଷିକେଶ ଛେଳି ଚରାଇ ଘରକୁ ଫେରିବା ପରେ ଘରେ ବିଦ୍ୟୁତ୍ ଆଘାତର ଶିକାର ହୋଇ ଗୁରୁତର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ



ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ହୃଷିକେଶଙ୍କୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ଜଣାଇଥିଲେ। ପୁଲିସ ଶବ ଜବତ କରି ଏକ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ଗ୍ରହରାଜ ଶନିଶ୍ଚରଙ୍କୁ ପୂଜାର୍ଚ୍ଚନା

**ପାଣିକୋଇଲି, ୧୧ା୫(ସମିସ):** ପବିତ୍ର ବୈଶାଖ ମାସରେ ପଡ଼େ ଗ୍ରହରାଜ ଶନିଶ୍ଚରଙ୍କ ପୂଜା। ଭକ୍ତ ନିଜ ମାନସିକ ପୂରଣ ସହିତ ଶନିଦେବଙ୍କ କେପରୁ ରକ୍ଷା ପାଇବା ଲାଗି ବୈଶାଖ ମାସର ପାଞ୍ଚଟି ଶନିବାରରେ ଶନିଦେବଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। ଚଳିତ ଶନିବାର ଥିଲା ଶନିଦେବଙ୍କ ଶେଷ ପାଳି। ଉକ୍ତ ପୂଜାରେ ଯୋଗ ଦେଇ ଶନିଙ୍କ କୃପାଦୃଷ୍ଟି ଲାଭ କରିବା ଲାଗି ଶ୍ରଦ୍ଧାଳୁ ନିକଟସ୍ଥ ଶନି ମନ୍ଦିରରେ ପୂଜା କରିଥଲେ। ଏଥି ନିମନ୍ତେ କରଦା, ପାଣିକୋଇଲି, ଦାମୋଦରପୁର, ନୂଆପଦା, ଓଟିନ୍ଦା ଆଦି ସ୍ଥାନରେ ଶନିଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ଗ୍ରାମ କମିଟିର ସଦସ୍ୟ ଶ୍ରଦ୍ଧାଳୁ କିପରି ସହଜରେ ଦର୍ଶନ ଲାଭ କରିବେ, ସେଥିପାଇଁ ବନ୍ଦୋବସ୍ତ କରିଥିଲେ। ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ରାଷ୍ଟ୍ରୀୟ ଲୋକ ଅଦାଲତ; ୪୪୧ଟି ମାମଲାର ଫଇସଲା

**ଯାଜପୁର, ୧୧ା୫(ସମିସ)**

ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ୪୪୧ଟି ମକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୨୬୯ଟି ଫୌଜଦାରୀ, ୨୪ଟି ମଟର ଦୁର୍ଘଟଣାଜନିତ ମାମଲା, ୧୧୨ଟି ଦେୱାନୀ, ୩୧ଟି ପାରିବାରିକ କଳହ ମକଦ୍ଦମା ଓ ୫ଟି ଖାଉଟି ବିବାଦର ଫଇସଲା କରାଯାଇ ମୋଟ ୪, ୭୧, ୨୭, ୫୭୧ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜସ୍ୱ ବିଭାଗର ୨୪୧୮ ଟି ମାମଲାର ବିଚାର କରାଯାଇ ୩୩, ୮୭୨ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୨୮ଟି ଓ ୪ଟି ଟେଲିଫୋନ ସମ୍ବନ୍ଧୀୟ ପ୍ରାକ୍ ବିଚାରଧୀନ ବ୍ୟାଙ୍କ ମାମଲା ଫଇସଲା କରାଯାଇ ୭, ୬୩, ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଡ. ଜୀବନଜ୍ୟୋତି ରଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲା ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା




ସାମନ୍ତସିଂହାର, ଅତିରିକ୍ତ ଜିଲ୍ଲା ଜଜ୍ ସୁନୀଲ କୁମାର ଦାସ, ବରିଷ୍ଠ ଦେୱାନି ବିଚାରପତି ସତ୍ୟପ୍ରକାଶ ରାୟଚୌଧରୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ମନସ୍ୱିନୀ ରଥ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ଏସ୍‌ଡିଜେଏମ ଶ୍ରୀମତୀ ଇଫସିତା ନନ୍ଦ, ଦେୱାନୀ ବିଚାରପତି ପାରସ ପାଢ଼ୀ ଓ ଜେଏମଏଫସି ସୁନାରାମ ମାଝୀ ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ।

## ତରାସରେ ହନୁମାନଜୀଉଙ୍କ ଷଷ୍ଠ ବାର୍ଷିକ ଉତ୍ସବ

**କବାଟବନ୍ଧ, ୧୧ା୫ (ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ତରାସ ଗ୍ରାମରେ ଶ୍ରୀଶ୍ରୀ ସଙ୍କଟମୋଚନ ହନୁମାନଜୀଉଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି। ଚଳିତ ମାସ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ। ଗୁରୁବାର ସାଙ୍ଗ ଅଙ୍କୁରାରୋପଣ ଓ ମଣ୍ଡଳାଧି କର୍ମ, ଶୁକ୍ରବାର କଳସ ଯାତ୍ରା, ଶାଳା ମଣ୍ଡପାଦି ପୂଜା, ସୂର୍ଯ୍ୟ ପୂଜା, ଗୋପୂଜା, ଅଗ୍ନି ସଂଯୋଗ, ଆହୂତି ପ୍ରଦାନ, ସାଙ୍ଗ, ଆଳତି, ପୁଷ୍ପାଞ୍ଜଳି, ନାମ ସଂକୀର୍ତ୍ତନ ଆଦି ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଯାଇଛି। ରବିବାର ନଗର ପରିଭ୍ରମଣ, କୃତାଭିଷେକ, ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ଆଦି ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବ୍ରାହ୍ମଣୀ ନଦୀରୁ ୧୦୦ ଜଣ ପୁରୁଷ ଓ ମହିଳା କଳସଧାରୀ ଏକ ବିରାଟ



କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମଣ୍ଡପ ପ୍ରବେଶ କରିଥିଲେ। ଏଥିପାଇଁ ୬ ଜଣ ପୂଜକ ତଥା ପଣ୍ଡିତଙ୍କ ଦ୍ୱାରା ସମସ୍ତ ଯଜ୍ଞ କାର୍ଯ୍ୟ ରୀତିନୀତି ଅନୁଯାୟୀ ସମ୍ପନ୍ନ ହେଉଛି। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହିତ ଲଉଡ଼ି ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଆହ୍ୱାନ ଥିଏଟର ପକ୍ଷରୁ ପ୍ରସ୍ତୁତ ଆଧ୍ୟାତ୍ମିକ ନାଟକ ଦାସିଆ ବାଉରୀ ଅନୁଷ୍ଠିତ ହୋଇଛି। ଏଥିସହିତ ପ୍ରତ୍ୟେକ ଦିବାରାତ୍ର ଆନନ୍ଦ ବଜାରର ପ୍ରସ୍ତୁତି କରାଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁ କାର୍ଯ୍ୟରେ ଯୋଗ ଦେଇ ସଙ୍କଟ ମୋଚନ ମହାବୀରଙ୍କ ଆଶୀର୍ବାଦ ଲାଭ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ରଞ୍ଜନ ଦାସ, ବାବୁଲି ଖଟୁଆ, ନିତ୍ୟାନନ୍ଦ ପୃଷ୍ଟି, ନିଧି ପ୍ରଧାନ, କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କ ସମେତ ବଜରଙ୍ଗ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ବାଙ୍ଗରାରେ ନବବଧୂ ହତ୍ୟା ଅଭିଯୋଗ

ବିଂଝାରପୁର ୧୧ା୫ (ସମିସ): ବିଂଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତରେ ନବବଧୂ ହତ୍ୟା ଅଭିଯୋଗ ହୋଇଛି। ବିଂଝାରପୁର ଥାନା ବାଙ୍ଗରା ପଞ୍ଚାୟତର ଗୌରାଙ୍ଗ ରାଉତଙ୍କ ପତ୍ନୀ ରୁବିନାଙ୍କୁ ଶାଶୂଘର ଲୋକେ ହତ୍ୟା କରିଥିବା ନେଇ ବାପଘର ପକ୍ଷରୁ ଅଭିଯୋଗ କରାଯାଇଛି। ମୃତ ରୁବିନାଙ୍କ ଘର କେନ୍ଦ୍ରପଡ଼ା ଜିଲ୍ଲାର ଗୁଣ୍ଟଳ ଗ୍ରାମର ହୋଇଥିବାବେଳେ



ସେ ଏକ ବର୍ଷ ହେବ ବିବାହ କରିଥିଲେ। ଗତକାଲି ରାତି ପ୍ରାୟ ୧୦.୩୦ ସମୟରେ ରୁବିନାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ବିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଟିଏ ପଟେ ରୁବିନାଙ୍କ ଶାଶୂଘର ଲୋକେ ଏହା ଆତ୍ମହତ୍ୟା ବୋଲି କହୁଥିବାବେଳେ ଅନ୍ୟପକ୍ଷରେ ରୁବିନାଙ୍କ ବାପଘର ପକ୍ଷରୁ ବିଂଝାରପୁର ଥାନାରେ ହତ୍ୟା ଅଭିଯୋଗ କରାଯାଇଛି। ବିଞ୍ଝାରପୁର ପୁଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ତଦନ୍ତରେ ସାଇଣ୍ଟିଫିକ ଟିମର ସହଯୋଗ ନିଆଯାଇଛି। ପୁଲିସ ଅଭିଯୁକ୍ତ ମୃତ ରୁବିନାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ବିଦ୍ୟାଳୟକୁ ଆଲମିରା ପ୍ରଦାନ କଲେ ବ୍ୟାଙ୍କ ପରିଚାଳକ

**ପାଣିକୋଇଲି, ୧୧ା୫(ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ପାଣିକୋଇଲି ଶାଖାର ପରିଚାଳକ ସଞ୍ଜୟ କୁମାର ତ୍ରିପାଠୀ ଜଣେ ପଦସ୍ଥ ଅଧିକାରୀ ହୋଇ ମଧ୍ୟ ସବୁବେଳେ ସମାଜସେବା ସହ ବିଭିନ୍ନ ଅନୁଷ୍ଠାନକୁ ସାହାଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଶ୍ରୀ ତ୍ରିପାଠୀ ପଥରପଦା ପଞ୍ଚାୟତ ଅନ୍ତର୍ଗତ ନୂଆପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣା ଶ୍ରୀ ତ୍ରିପାଠୀଙ୍କୁ ବିଦ୍ୟାଳୟକୁ ଏକ ଲୁହା ଆଲମିରା ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ।



ଉକ୍ତ ଅନୁରୋଧକୁ ରକ୍ଷା କରି ତଥା ବିଦ୍ୟାଳୟର ଆବଶ୍ୟକତାକୁ ଉପଲବ୍ଧି କରି ଶ୍ରୀ ତ୍ରିପାଠୀ ବିଦ୍ୟାଳୟକୁ ଏକ ଆଲମିରା ପ୍ରଦାନ କରିଥିଲେ। ତେବେ ନିଜର ପ୍ରତିଶ୍ରୁତି ରକ୍ଷା କରି ବିଦ୍ୟାଳୟକୁ ଏକ ଆଲମିରା ପ୍ରଦାନ କରିଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତି ମହାରଣାଙ୍କ ସମେତ ମୋ ସ୍କୁଲ ଅଭିଯାନର ସଭାପତି ଗୟାଧର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୁଷ୍ପକ କୁମାର ରାୟ, ସଭ୍ୟ ଜନକ ରଞ୍ଜନ ଦାସ, ସହକାରୀ ଶିକ୍ଷକ ତାରିଣୀ ପ୍ରସାଦ ରାୟ, ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ପରିଚାଳକ ଶ୍ରୀ ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗୋକର୍ଣ୍ଣେଶ୍ୱରଙ୍କ ପୀଠରେ ଶନିଶ୍ଚରଙ୍କ ଯଜ୍ଞ



**ଧର୍ମଶାଳା, ୧୧ା୫(ସମିସ)**

ହଜାର ହଜାର ଶ୍ରଦ୍ଧାଳୁ କଲେ ଶନିଶ୍ଚରଙ୍କ ଉପରେ ଜଳାଭିଷେକ। ଆଜି ହେଉଛି ଗ୍ରହରାଜ ଶନିଦେବଙ୍କ ପବିତ୍ର ଶନି ଓଷା। ଏ ଅବସରରେ ଯାଜପୁର ଜିଲ୍ଲା ଧର୍ମଶାଳାର ବହୁ ପୁରାତନ ଶୈବପୀଠ ବାବା ଗୋକର୍ଣ୍ଣେଶ୍ୱରଙ୍କଠାରେ ଥିବା ଶନିଶ୍ଚରଙ୍କ ମହାପ୍ରଭୁଙ୍କ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରାତଃ ସମୟରୁ ଏଠାରେ ଥିବା ଶନି ମହାଦେବଙ୍କ ମନ୍ଦିରରେ ଶନିଶ୍ଚରଙ୍କ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ହୋମଯଜ୍ଞ କରାଯାଇଛି। ଶନି ମହାଦେବଙ୍କ ନିକଟରେ ଜଳାଭିଷେକ ସହ ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଭକ୍ତମାନେ ସ୍ଥାନୀୟ ବ୍ରାହ୍ମଣୀ ନଦୀରୁ ଜଳ ଆଣି ଶନିଦେବଙ୍କ ନିକଟରେ ଜଳାଭିଷେକ କରୁଛନ୍ତି। ଆଜିର ଦିନରେ ଶନିଦେବଙ୍କ ନିକଟରେ ଜଳାଭିଷେକ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏପଟେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଠାରେ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଜଳାଭିଷେକ କରିଥିବାବେଳେ ଏହି ପୂଜା କାର୍ଯ୍ୟକୁ ସୁଚାରୁରୂପେ ଚଳାଇ ଆସିଛନ୍ତି ପଣ୍ଡିତ ସୋମନାଥ ପାଢ଼ୀ ଓ ସହ କର୍ମୀ। ତେବେ ଅନେକ ଜାଗାରେ ଏହି ଶନିଦେବଙ୍କ ପୂଜା କାର୍ଯ୍ୟ ଚାଲିଥିବାବେଳେ ଏଠାରେ ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ପୂଜା କାର୍ଯ୍ୟ ଚାଲିଥିଲା। ଭକ୍ତମାନେ ସେମାନଙ୍କ ମନସ୍କାମନା ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହ ପୂଜା କରିଥିଲେ।

## ମା' ତାରିଣୀଙ୍କ ଯଜ୍ଞ ଉତ୍ସବ

ବ୍ରହ୍ମବରଦା, ୧୧ା୫(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ତାରିଣୀ ଛକ ବଣିକ ସଂଘ ଆନୁକୂଲ୍ୟରେ ଏକାଦଶତମ ମା' ତାରିଣୀ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି। ଏ ଅବସରରେ ଆଜି ଯଜ୍ଞର ମୁଖ୍ୟ ପୂଜକ ଡଃ ପ୍ରଭଞ୍ଜନ ପତି ଓ ବିଜୟ ପତିଙ୍କ ପୌରୋହିତ୍ୟରେ ମୁଖ୍ୟ କର୍ତ୍ତା ଅରୁଣ କୁମାର ବେହେରା ତାଙ୍କ ସହଧର୍ମିଣୀ ସଂଯୁକ୍ତା ବେହେରା, ଉପକର୍ତ୍ତା ସତ୍ୟାନନ୍ଦ ରାଉତଙ୍କ ସମେତ ୨୭ ଜଣ ମା'ଙ୍କ ଭକ୍ତ ପୂଜାର୍ଚ୍ଚନା ସହ ବ୍ରାହ୍ମଣୀ ନଦୀରୁ ଜଳ ଆଣି କଳସ ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ଏହି ଯଜ୍ଞ ଉତ୍ସବ ରବିବାର ଦିନ ଶେଷ ହେବ। ଗୁରୁବାର ଅଙ୍କୁରାରୋପଣ, ଶୁକ୍ରବାର ଘଟାଧୀବାସ, ସୂର୍ଯ୍ୟପୂଜା, ଉପଚାର ପୂଜା, ରୁଦ୍ର ମହାଯଜ୍ଞ, ଶନିବାର ଗୀତା ମହାଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ରବିବାର ଚଣ୍ଡି



ମହାଯଜ୍ଞ, ପ୍ରସାଦ ସେବନ ସହ ରାତ୍ର ୧୦ ଘଟିକାରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ଯଜ୍ଞ ଉତ୍ସବ କମିଟି ସଭାପତି ବିପିନ ବିହାରୀ ଦେଓ, ବଣିକ ସଂଘର ବରିଷ୍ଠ କର୍ମକର୍ତ୍ତା ବିଜୟ କୁମାର ବେହେରା, ବିଚିତ୍ର ବେହେରା, ବିଶ୍ୱରଞ୍ଜନ ସାହୁ, ଆଲୋକ ବେହେରା, ରବୀନ୍ଦ୍ର ମଣ୍ଡଳ, ଗୋପୀନାଥ ଗିରିଙ୍କ ସମେତ ବଣିକ ସଂଘର ବହୁ ସଭ୍ୟ ଓ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ଶନିଶ୍ଚରଙ୍କ ୫୯ତମ ବାର୍ଷିକ ମେଳା ଓ ଯଜ୍ଞୋତ୍ସବ

**କୋରେଇ/ରଗଡ଼ି, ୧୧ା୫(ସମିସ)**

କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ପଞ୍ଚାୟତ ଉପୁଳାଇ ଗ୍ରାମର ଗ୍ରହରାଜ ଶନିଶ୍ଚରଙ୍କ ୫୯ତମ ବାର୍ଷିକ ଯଜ୍ଞ, ମେଳା ଓ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଛି। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭୋର ୪ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଲାଗି ରହିଥିଲା। ଭକ୍ତମାନେ ଧାଡ଼ିରେ ଆସି ପୂଜାର୍ଚ୍ଚନା କରିବା ସହ ଗ୍ରହରାଜଙ୍କୁ ଜଳାଭିଷେକ କରିଥିଲେ। ଏହି ଉତ୍ସବ ଚାରିଦିନ ଧରି ଚାଲିବ।

ଏ ଅବସରରେ ନାରାୟଣ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପ୍ରବନ୍ଧକ ଆଦିକନ୍ଦ ରାଉତ, ମୁଖ୍ୟବକ୍ତା ପ୍ରବଚକ





ମାନସ ଚନ୍ଦ୍ର ପ୍ରହ୍ଲାଦ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ କୋରେଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭିକାରୀ ବରାଳ, ବିଶିଷ୍ଟ ବ୍ୟକ୍ତି ସୁରେନ୍ଦ୍ର କୁମାର ମିଶ୍ର, ବ୍ୟାସନଗରର ପୂର୍ବତନ ପୌରାଧକ୍ଷା ସବିତା ରାଉତ, ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ଶିକ୍ଷାବିତ ମୀନକେତନ ଦାଶ, ରଶ୍ମୀରଞ୍ଜନ ବାରିକ, ଅଜୟ କୁମାର ପଣ୍ଡା, ବିଦ୍ୟାଧର ପଲାର, ଅମୀୟ ରଞ୍ଜନ ବାରିକ, ଇଂ ଜ୍ୟୋତିରଞ୍ଜନ ବିଶ୍ୱାଳ ଓ ମନୋଜ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଆମନ୍ତ୍ରିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅଞ୍ଜନ କୁମାର ନାୟକ, ଶିକ୍ଷାବିତ ବଳରାମ ଶତପଥୀ, ଶିକ୍ଷାବିତ ହରିହର ଜେନା, ଅଦ୍ୱୈତ ପ୍ରସାଦ ଦାଶ ଓ ବଳରାମ ସାହୁ ଉପସ୍ଥିତ ଥିଲେ। ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ, କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକ ଓ ବିଶ୍ୱଜିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଧର ଆଚାର୍ଯ୍ୟ, ବୈକୁଣ୍ଠ ତ୍ରିପାଠୀ ଓ କୈଳାସ ଚନ୍ଦ୍ର ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ରବୀନ୍ଦ୍ର କୁମାର ଜେନା କର୍ତ୍ତା ଭାବେ କାର୍ଯ୍ୟ କରିଥିଲେ।

ମେଳାରେ ରାମେଶ୍ୱର ଯୁବକ ସଂଘ, କୋରେଇର ଡ୍ରାଇଭର ମହାସଂଘ ଓ ସାମାଜିକ ସଂଗଠନ ସମର୍ପଣ ପକ୍ଷରୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଆନନ୍ଦ ବଜାର ମାଧ୍ୟମରେ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଏ ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶନି କମିଟି ସଭାପତି ବିକ୍ରମ କେଶରୀ ଜେନା ଧନ୍ୟବାଦ ଅର୍ପଣ କରିଥିବାବେଳେ ସମ୍ପାଦକ ସୁରେନ କୁମାର ଜେନା ଓ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। କୋରେଇ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ମହାବାହୁ ଗ୍ରୁପ୍ ପକ୍ଷରୁ ଜଳଛତ୍ର



**ବାଲିଚନ୍ଦ୍ରପୁର, ୧୧ା୫(ସମିସ):** ପବିତ୍ର ଶନି ଜୟନ୍ତୀ ଦିବସ ଅବସରରେ ମହାବାହୁ ଗ୍ରୁପ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ତାଲୁଆ, ବାଲିକୁଦାଠାରେ ଅମୃତଧାରା ଯୋଜନାରେ ଥଣ୍ଡା ଦହି ସର୍ବତ, ଲେମ୍ବୁ ପାଣି ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବାହୁ ଗ୍ରୁପ ଟ୍ରଷ୍ଟର ପ୍ରତିଷ୍ଠାତା ଶିବ ପ୍ରସାଦ ସାମଲ, ତପନ କୁମାର ଶାନ୍ତି, ବେବିନା ବେହେରା, ଗୋବର୍ଦ୍ଧନ ମଲ୍ଲିକ, ସାଗର ମଲ୍ଲିକ, ବୈଷ୍ଣବ ଚରଣ ବାରିକ, ପ୍ରଶାନ୍ତ କୁମାର ମଲ୍ଲିକ, ଜୟଦେବ ଶାନ୍ତି, ପ୍ରିୟବ୍ରତ ସାମଲ, କୁନାଲ ନାୟକ, ଲିଟୁ ସାହୁ, ଶୁଭଲକ୍ଷ୍ମୀ ଜେନା, ସତ୍ୟଜିତ ସାମଲ, ଦୀପ୍ତିରଞ୍ଜନ ବରାଳ, କିସନ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

